ନଚେତ୍ ବଶ୍ୱଜିତ୍



ଯାତ୍ରା

କୈଳାସ ଚଂଦ୍ର ତ୍ରିପାଠୀ

Digitized by srujanika@gmail.com

ଉତ୍ସର୍ଗ :

ଭବିଷ୍ୟତ ଉଦ୍ଦେଶ୍ୟରେ

ବର୍ତ୍ତମାନ ହାତରେ

ନଚେତ୍ ବିଶ୍ୱଜିତ୍ ।। ନାଟକ ।। ନାଟ୍ୟକାର : କୈଳାସ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ, ଇଂରାଜୀ ବିଭାଗ, ସାନ୍ଧ୍ୟ ମହାବିଦ୍ୟାଳୟ, ରାଉରକେଲା-୨ ।। ପ୍ରକାଶକ : ସୁରେନ୍ଦ୍ର ନାଥ ଜଗଦ୍ଦେବ, ମହାନଦୀ ବୁକ୍ସ୍, ଶେଖ୍ ବଜାର ନଉ କଲୋନୀ, କଟକ-୮ ।। ପ୍ରଥମ ପ୍ରକାଶ : ଜୁନ୍, ୧୯୮୪ ।। ମୁଦ୍ରାକର : ଲିଲି ପ୍ରେସ୍, କଟକ-୨ ।।

NOCHET BISWOJIT : A Play in Oriya Written by Kailash Ch. Tripathy, Department of English, Evening College, Roulkela-2, Orissa, India. Published by Surendra Nath Jagadeb for Mahanadi Books, Shaik Bazar New Colony, Cuttack-8, Orissa, India. 1st Edition : June 1984. Printed in India at Lily Press, Cuttack-2.

ମୂଲ୍ୟ : ଟ ୧୧.୦୦

Price : Rs. 11-00

Digitized by srujanika@gmail.com

ଏ ନାଟକର ସଂକ୍ଷିପ୍ତ ଇତିହାସ :—

ଏ ନାଟକ ୧୯୮୨ ରେ ରାଉରକେଲାର ସାଂସ୍କୃତିକ ଜୀବନର ରଙ୍ଗଭୂମି Civic Centre ଠାରେ ଦୁଇ ରାତି ସଫଳତାର ସହ ମଞ୍ଚସ୍ଥ ହୋଇଥିଲା । ଏହା ଏକାଙ୍କିକା ଆକାରରେ "ଦିବାସ୍ୱପ୍ନ" ନାମରେ, ସଙ୍ଗୀତ ନାଟକ ଏକାଡ଼େମୀ, ଓଡ଼ିଶାଙ୍କ ଦ୍ୱାରା ନିର୍ବାଚିତ ହୋଇ ସମ୍ବଲପୁରଠାରେ ଆନ୍ତଃ-ମହାବିଦ୍ୟାଳୟ ଏକାଙ୍କିକା ପ୍ରତିଯୋଗିତାରେ ମଞ୍ଚସ୍ଥ ହୋଇ ସର୍ବମୋଟ ଆଠୋଟି ପୁରସ୍କାରରୁ ଚାରୋଟି ପୁରସ୍କାର ପାଇବାର ଯୋଗ୍ୟତା ହାସଲ କରିଥିଲା ଓ ଉକ୍ତ ପୁରସ୍କାରମାନ ରାଜ୍ୟସରକାରଙ୍କ ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ସଭାରେ, ରବୀନ୍ଦ୍ର ମଣ୍ଡପରେ ମାନ୍ୟବର ରାଜ୍ୟପାଳ ସି: ଏମ୍: ପୁନାଚ୍ଚ ବିତରଣ କରିଥିଲେ ।

ଯେଉଁମାନେ ନାଟକକୁ ସଫଳ କଲେ :—

ଉପସ୍ଥାପନା—ସାନ୍ଧ୍ୟ ମହାବିଦ୍ୟାଳୟ, ରାଉରକେଲା (ଦ୍ୱିତୀୟ ଶ୍ରେଷ୍ଠ ଉପସ୍ଥାପନା ପୁରସ୍କାର) । ସଂଯୋଜକ—ଶ୍ରୀ ବସନ୍ତ କୁମାର ନାୟକ (ଅଧ୍ୟକ୍ଷ) । ନିର୍ଦ୍ଦେଶକ—ଅଧ୍ୟାପକ ଶ୍ରୀ ନିରଞ୍ଜନ ଷଡ଼ଙ୍ଗୀ (ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର) । ବିଭିନ୍ନ ଭୂମିକାରେ : ବିଶ୍ୱଜିତ୍—ଶ୍ରୀ ଗୋବିନ୍ଦଚନ୍ଦ୍ର ଗିରି, (ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ପୁରସ୍କାର) । ଡାକ୍ତର୍‌ଉଇନ୍—ଶ୍ରୀ ଉମାକାନ୍ତ ପଣ୍ଡା । ସେପ୍—ଶ୍ରୀ ଶରତ ଚନ୍ଦ୍ର ଦାସ । ଡିଟ୍—ଶ୍ରୀ ମାୟାଧର ସାହୁ । ମଙ୍ଗୁ—ଶ୍ରୀ ବିଜୟାନନ୍ଦ ପଣ୍ଡା । ମି. ସିଂହ—ରତିକାନ୍ତ ନନ୍ଦ । ବଫ୍—କୁମାରୀ ରିନା ପଣ୍ଡା (ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ।

ମୁଁ ଯେଉଁମାନଙ୍କ ନିକଟରେ ଋଣୀ :—

ନିର୍ଦ୍ଦେଶକ ଓ ବନ୍ଧୁ ଶ୍ରୀ ବିଧୁଭୂଷଣ ନନ୍ଦ, ଶ୍ରୀ ରମେଶ ଚନ୍ଦ୍ର ରାଉତ, ଅଧ୍ୟାପକ ଶ୍ରୀ ପତିତପାବନ ମଣ୍ଡି, ଶ୍ରୀ ପ୍ରମୋଦ କୁମାର ମଙ୍ଗରାଜ, ଶ୍ରୀମତୀ ସରୋଜିନୀ ମହାନ୍ତି, ସଂସଦର ସଭାପତି ଶ୍ରୀ ଗଣେଶ ଚନ୍ଦ୍ର ପ୍ରଧାନ, ନାଟ୍ୟ ସଂସଦର ସମ୍ପାଦକ ଶ୍ରୀ ବିଜୟାନନ୍ଦ ପଣ୍ଡା, ସହ ସମ୍ପାଦକ ଶ୍ରୀ ରଞ୍ଜନ ପତି, ମୋର ଶ୍ରଦ୍ଧେୟ ଗୁରୁ ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି, ମହାନଦୀ ବୁକ୍‌ସ୍‌ର ଅବୈତନିକ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ଜଗଦେବ ଏବଂ ଏ ପୁସ୍ତକର ପ୍ରଚ୍ଛଦ-ଶିଳ୍ପୀ, ବନ୍ଧୁ ଶ୍ରୀ ଚନ୍ଦ୍ରଶେଖର ପ୍ରସାଦ ।

॥ ନାଟ୍ୟକାର ॥

Digitized by srujanika@gmail.com

ଚରିତ୍ରମାନେ :—

ମାଷ୍ଟର ବିଶ୍ୱଜିତ୍

ଡାର୍‌ୱିଇନ୍

ମି: ଗୁପ୍ତ

ମି: ସିଂହ

ଡେଥ୍

ସେପ୍

ବଫ୍ (ସ୍ତ୍ରୀ)

ମଣ୍ଟୁ

Digitized by srujanika@gmail.com

ମୁଖବନ୍ଧ

ହିନ୍ଦୁ ବିଶ୍ୱାସ ଅନୁସାରେ ବିଷ୍ଣୁଙ୍କ ନାଭିକମଳରୁ, ଖ୍ରୀଷ୍ଟିୟାନ-ମାନଙ୍କ ମତରେ ଇଡେନଗାର୍ଡେନରେ ସ୍ୱୟଂ ଭଗବାନଙ୍କର ଇଚ୍ଛାକ୍ରମେ ଆଦାମ-ଇଭ୍‌ଙ୍କଠାରୁ, ଆରିଷ୍ଟୋଟ୍‌ଲଙ୍କଠାରୁ ଆରମ୍ଭକରି ଡାର୍‌ୱିନ୍‌ଙ୍କ ପର୍ଯ୍ୟନ୍ତ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କର ତଥ୍ୟମୂଳକ ମତରେ କ୍ରମବିବର୍ତ୍ତନ ଦ୍ୱାରା ଆମିଓବାଠାରୁ ବିଭିନ୍ନ ଶ୍ରେଣୀର ପ୍ରାଣୀଙ୍କ ଜରିଆରେ ପ୍ରାକୃତିକ ନିର୍ବାଚନ ଦ୍ୱାରା, ବା ଲାମାର୍କ ଓ ପରେ ଶ' ପ୍ରଭୃତିଙ୍କ ଇଚ୍ଛାକୃତ ବିବର୍ତ୍ତନ ଦ୍ୱାରା ଏବଂ ସର୍ବଶେଷରେ ଅତ୍ୟାଧୁନିକ ବୈଜ୍ଞାନିକଙ୍କ ସମ୍ଭାବ୍ୟ ମତ—ଯେ ମନୁଷ୍ୟ ବା ଅନ୍ୟ କୌଣସି ନକ୍ଷତ୍ରର ଉନ୍ନତ, ଏପରିକି ମନୁଷ୍ୟଠାରୁ ଅଧିକତର ଉନ୍ନତ, ପ୍ରାଣୀଙ୍କର ଆକସ୍ମିକ ପୃଥିବୀ ଭ୍ରମଣ ଓ ପୃଥିବୀକୁ ଲୋକାରଣ୍ୟରେ ପରିଣତ କରିବାର ସ୍ୱେଚ୍ଛାକୃତ ପ୍ରଚେଷ୍ଟାରେ, ପୃଥିବୀ ଜନପ୍ଲାବିତ ହୋଇଛି ।

ଏ ସମସ୍ତ ମତବାଦକୁ ପାଠକଲେ ଜଣାଯିବ ଯେ, ଏ ବିଭିନ୍ନ ମତକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ମନୁଷ୍ୟର ସୃଷ୍ଟି ଇଚ୍ଛାକୃତ । ଦ୍ୱିତୀୟତଃ ଏହା ଅନିଚ୍ଛାକୃତ ବା ସ୍ୱତଃ ପ୍ରାକୃତିକ ପଦ୍ଧତିର ଆକସ୍ମିକ ପରିଣତି ।

ମନୁଷ୍ୟ-ସୃଷ୍ଟି ସମ୍ବନ୍ଧୀୟ ସମସ୍ତ ଧର୍ମଶାସ୍ତ୍ରର ମତରେ ଧର୍ମଭାବ ମନୁଷ୍ୟ ଚିତ୍ତରେ ଜାଗ୍ରତ କରୁଥିବା ଯାଏ, ଅର୍ଥାତ୍ ଡାର୍‌ୱିନଙ୍କ ଆବିର୍ଭାବ ପୂର୍ବରୁ, ମନୁଷ୍ୟକୁ ଭଗବାନଙ୍କର ସନ୍ତାନ ବୋଲି ନିର୍ବିବାଦରେ ଗ୍ରହଣ କରାଯାଇଥିଲା । ଡାର୍‌ୱିନ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯାହାଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ ମତ ପୃଥିବୀବାସୀଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିଲା ଏବଂ ଏ ପ୍ରଭାବ ଏତେ ବଳୀୟାନ ଥିଲା ଯେ, ଏହା ମନୁଷ୍ୟ ମନରେ ତା ନିଜର ପିତାମାତାଙ୍କ ସମ୍ବନ୍ଧରେ ପ୍ରଚଳିତ ମତବାଦ ସମ୍ପର୍କରେ ପ୍ରଥମକରି ସାମୂହିକ ସନ୍ଦେହ ଜାତ କଲା । ଏ ସନ୍ଦେହ କ୍ରମେ ସର୍ବଜନ-ସର୍ବଧର୍ମଗ୍ରାସୀ ହୋଇ ଲୋକଚିନ୍ତାକୁ ଡାର୍‌ୱିନଙ୍କ ମତଆଡ଼କୁ ଆକର୍ଷଣ କଲା ଏବଂ ମନୁଷ୍ୟ ମାଙ୍କଡ଼କୁ ନିଜର ବାପ ବୋଲି ବିବେଚନା କଲା । ପଶୁପକ୍ଷୀ ପ୍ରଭୃତି ହେଲେ ତାର ସୋଦର ବାନ୍ଧବ, ରକ୍ତର ସମ୍ପର୍କ । କିନ୍ତୁ

Digitized by srujanika@gmail.com

ଏହା ହେଲା କପରି ? ଡାରଉଇନଙ୍କ ମତରେ ଏହା ଇଚ୍ଛାକୃତ ନୁହେଁ । ଆକସ୍ମିକ ଘଟଣା ବା ଦୁର୍ଘଟଣା ।

ଏହିମତକୁ ସାମୁଏଲ୍ ବଟ୍‌ଲର୍ ସଂପୂର୍ଣ୍ଣ ଭ୍ରାନ୍ତପୂର୍ଣ୍ଣ ବୋଲି କହି ଡାରଉଇନ ମନୁଷ୍ୟଠାରୁ ତା'ର ମୁଣ୍ଡ ଅଲଗା କରିଛନ୍ତି ବୋଲି ଦୋଷାରୋପ କଲେ । ଅର୍ଥାତ୍ ସେ ଲମାର୍କଙ୍କର ଇଚ୍ଛାକୃତ ସୃଷ୍ଟିରେ ଆସ୍ଥାରଖି ସମର୍ଥନ କଲେ । ପରବର୍ତ୍ତୀ ସମୟରେ ଶ' ମଧ୍ୟ ବଟ୍‌ଲର୍‌ଙ୍କ କଥାରେ ଏକମତ ହୋଇ ଜୀବଶକ୍ତି (**Life-force**)ର ହସ୍ତ ମନୁଷ୍ୟ ସୃଷ୍ଟିର ମୂଳରେ ଥିବା କଥା ଯୁକ୍ତିବଳରେ ଦର୍ଶାଇଲେ ।

ବର୍ତ୍ତମାନ କାଳରେ ତଥ୍ୟ, ଯୁକ୍ତି ବା ମତମାନଙ୍କର ସ୍ୱତନ୍ତ୍ର ପ୍ରଭାବ ରହିଛି । କାରଣ ସେଗୁଡ଼ିକ ସହସା ପ୍ରକୃତ କ୍ଷେତ୍ରରେ ବିନିଯୋଗ କରାଯାଇ ପ୍ରମାଣ କରାଯିବାର ଆଗ୍ରହ ଓ ଆବଶ୍ୟକତା ତଥା ଦୃଢ଼ ମନୋଭାବ ଅଛି ।

ଆଜି ଯେତେବେଳେ ମନୁଷ୍ୟ ଟେଷ୍ଟ ଟିଉବ୍‌ରେ ଶିଶୁ ସୃଷ୍ଟି କରୁଛି, ବନ୍ଧ୍ୟାଗର୍ଭରେ ଭ୍ରୂଣ ଦେଇପାରୁଛି, ସର୍ବୋପରି ପୃଥିବୀର ଷୋଳଜଣ ବୁଦ୍ଧିମତୀ ସୁନ୍ଦରୀ ଯୁବତୀଙ୍କ ଗର୍ଭରେ ବାରଜଣ ବିଚକ୍ଷଣ ବୁଦ୍ଧିସଂପନ୍ନ ନୋବେଲ ପୁରସ୍କାର ବିଜେତାଙ୍କ ବୀର୍ଯ୍ୟାଣୁ (**Sperms**) ଦ୍ୱାରା ଶିଶୁ ଉତ୍ପାଦନର ବିଧିବଦ୍ଧ ଉଦ୍ୟମ ପରୀକ୍ଷାମୂଳକ ଭାବରେ ସର୍ବଲୋକଜ୍ଞାତରେ କରାଯାଉଛି । ଏହାର ଯେ ମନୁଷ୍ୟଜାତି ଉପରେ ପ୍ରଭାବ ପକାଇବାର ଅଶେଷ ଶକ୍ତି ରହିଛି, ଏଥିରେ ବିଜ୍ଞଙ୍କର ତିଳାର୍ଦ୍ଧ ସନ୍ଦେହ ନାହିଁ ।

ତେବେ ଏଥିରେ ଆତଙ୍କିତ ହେବାର କ'ଣ ଅଛି ? ଏହା ମନୁଷ୍ୟକୁ ତା ଦାୟାଦ ଗଢ଼ିବାରେ ଅଧିକାରୀ କରିବା ଦିଗରେ ଏକ ପରୀକ୍ଷାମୂଳକ ପଦକ୍ଷେପ । ଯେତେବେଳେ ମନୁଷ୍ୟ ଶାରୀରିକ ବିବର୍ତ୍ତନରେ ସ୍ୱୟଂସଂପୂର୍ଣ୍ଣ ବୋଲି ଧରାଯାଉଛି, ତାର ଭବିଷ୍ୟତ ଉନ୍ନତି ମାନସିକ ସ୍ତରକୁ ସୀମିତ । ବର୍ତ୍ତମାନର ଅଭିନବ ପରୀକ୍ଷା ଏହି ଯୁକ୍ତିକୁ ବଳୀୟାନ କରେ । ବର୍ତ୍ତମାନର ବିଷୟ ହେଲା ଆଜିର ମଣିଷ ପୃଥିବୀକୁ, ଶିଶୁ ନିଜର ଖେଳଘରକୁ ହୀନ ମନେକଲାଭଳି ବିବେଚନା କରେ । ସେ ଅନ୍ଧ ସଚେତନତାର ସହ ଧ୍ୱଂସାଭିମୁଖୀ ହୋଇ ଧାବମାନ । ସେ ଯଦି ନିଜକୁ ବଞ୍ଚାଇ ରଖିବାକୁ

Digitized by srujanika@gmail.com

ଅକ୍ଷମ ହୁଏ ଏବଂ ଡାର୍‌ଉଇନ୍‌ଙ୍କ ଆକସ୍ମିକ-ସୃଷ୍ଟି ମତ ଯଦି ସତ୍ୟ ହୁଏ, ପ୍ରକୃତି ପୁଣି ନୂଆ ସୃଜନାରେ ଲାଗିପଡ଼ିବ । ମନୁଷ୍ୟ ଏଣୁ ଏହି ସନ୍ଧିସନ୍ଧ ମୁହୂର୍ତ୍ତରେ ନିଜ ବାସ୍ତବାଦର ଲଗାମଟା ନିଜ ହାତରେ ରଖିବାର ଚେଷ୍ଟାରେ ନିଜକୁ ନିୟୋଜିତ କରୁଛି । ବର୍ତ୍ତମାନର ପରୀକ୍ଷା ଏହାର ନିଦର୍ଶନ ମାତ୍ର । ଏ ପରୀକ୍ଷାର ପରିଣତି ମନୁଷ୍ୟଜାତିକୁ ଧ୍ୱଂସମୁଖରୁ ଫେରାଇ ଆଣିବାରେ ସାହାଯ୍ୟ କରିପାରେ, ଅପର ପକ୍ଷରେ ଧ୍ୱଂସର ଗତିକୁ କ୍ଷିପ୍ରତର ବି କରିପାରେ । କାରଣ ଏହା ସତ୍ୟ ଯେ ପରୀକ୍ଷାର ଫଳ ଦୁଇପ୍ରକାର ହୋଇପାରେ । ଏଣୁ ପ୍ରଥମତଃ ଏଥିରେ ଜନସମାଜ ଆତଙ୍କିତ ହେବାର କାରଣ ପରୀକ୍ଷାର କୁଫଳ ।

କିନ୍ତୁ ବର୍ତ୍ତମାନ ରାଜନୈତିକ ପରିସ୍ଥିତିରେ ପୃଥିବୀବାସୀ ଶତକଡ଼ା ଶହେରେ ପରୀକ୍ଷାର ସୁଫଳକୁ ମଧ୍ୟ ଆତଙ୍କିତ ମନରେ ସ୍ୱାଗତ କରିବେ । ଆଜିର ମଣିଷର, ରାଜନୀତି ଓ ତାର ପ୍ରଭାବ ପ୍ରଧାନ ମାନସିକ ଖାଦ୍ୟ ହୋଇ-ଥିବାରୁ ଏବଂ ରାଜନୀତି ସର୍ବଗ୍ରାସୀ ହୋଇପାରିଥିବାରୁ ବିସ୍ମୟ ପରୀକ୍ଷାର ସୁଫଳ ଯେ ପ୍ରକୃତରେ ମନୁଷ୍ୟକୁ ତା ବାସ୍ତବାଦ ଗଢ଼ିବାର ଅସ୍ତ୍ର ମିଳିବ, ସେଥିରେ ତାର ଆସ୍ଥା ନାହିଁ ।

ବୈଜ୍ଞାନିକ ସତ୍ୟର ସନ୍ଧାନୀ । ସେ ସତ୍ୟ ଉଦ୍ଦେଶ୍ୟରେ ଆତ୍ମୋତ୍ସର୍ଗ କରେ, ଆତ୍ମବଳୀ ଦିଏ । ଏ ସମ୍ପର୍କରେ ଅନେକ ବୈଜ୍ଞାନିକଙ୍କର ଜୀବନୀ ଯଥେଷ୍ଟ ପ୍ରମାଣ ଯୋଗାଇବ । କିନ୍ତୁ ବୈଜ୍ଞାନିକ ନାମକ ଐଶ୍ୱରିକ ଶକ୍ତିସମ୍ପନ୍ନ ମହାନ ପୁରୁଷ ଜଣକ କିଏ ? ତାଙ୍କୁ ନିଜ ହାତଗଢ଼ା ବୋଲି କେତେ ବୋଲି ମାନନ୍ତି ସେକଥା ଆମେ ସମସ୍ତେ ଅଳ୍ପେ ବହୁତେ ଅବଗତ । ବୈଜ୍ଞାନିକ ସଫଳତାପାଇଁ ଅପରିସୀମ ଅଧ୍ୟବସାୟ ସାଙ୍ଗକୁ ଅମାପ ଅର୍ଥର ଆବଶ୍ୟକତା ରହିଛି । ଏ ଅର୍ଥ କୌଣସି ବୈଜ୍ଞାନିକ ନିଜେ ବା ସଙ୍ଗଠିତଭାବେ ବ୍ୟୟ କରିବା ବିରଳ । ପ୍ରାୟତଃ ଶତକଡ଼ା ଅନେଶ୍ୱତଭାଗ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ସରକାରୀ ଅନୁଦାନ ଓ ଅନୁମୋଦନରେ ହୋଇଥାଏ । ବୈଜ୍ଞାନିକମାନେ ସଫଳତାକୁ ସାନନ୍ଦେ ଉପଭୋଗ କରନ୍ତି, ପୁରସ୍କାର ବି କଦବା ପାଆନ୍ତି । କିନ୍ତୁ ଫଳର ବିନିଯୋଗ ହୁଏ ସରକାରଙ୍କ ଦ୍ୱାରା । ଗୋଟିଏ ଧାଡ଼ିରେ କହିଲେ, ବୈଜ୍ଞାନିକ ନାମକ

Digitized by srujanika@gmail.com

ମହାପୁରୁଷମାନେ ସରକାରଙ୍କର ହାତପିତୁଳା । ନୋହିଲେ ଯେ ମହାମତି ଆଟମିକ୍ ରିସର୍ଚ୍ଚ କରି ସାଫଲ୍ୟମଣ୍ଡିତ ହେଲେ ସେ କ'ଣ କେବେହେଁ ତାଙ୍କ ଶ୍ରମର ଶକ୍ତି ମନୁଷ୍ୟ ସମାଜ ଧ୍ୱଂସର ପ୍ରଧାନ ଆୟୁଧ ହେବାକଥା ଚିନ୍ତା କରିଥିଲେ ? ତାଙ୍କର ବୈଜ୍ଞାନିକ କୃତିତ୍ୱ ମନୁଷ୍ୟଜାତିର ପ୍ରଧାନ ଶତ୍ରୁ !

ଏ ପରିପ୍ରେକ୍ଷୀରେ ନୋବେଲ ପୁରସ୍କାର ବିଜେତା ଓ ବୁଦ୍ଧିମନ୍ତ ସୁନ୍ଦରୀଙ୍କର ଔରସରୁ ଜାତ ଶିଶୁମାନେ ଯଦି ବୈଜ୍ଞାନିକଙ୍କର ଆଶାନୁରୂପ ବୁଦ୍ଧି ଓ ରୂପ ଗୁଣ ନେଇ ଜାତ ହୁଅନ୍ତି, ତାରି ସୁଯୋଗ ମତାନ୍ଧ, ସ୍ୱାର୍ଥାଭିଳାଷୀ ଓ ବିଶେଷ-ଦେଶପ୍ରେମ ନାମରେ ଜନସମାଜକୁ ବିଭ୍ରାନ୍ତକାରୀ କରାଉଥିବା ରାଜନୀତିଜ୍ଞ ନେଇ ମାନବସମାଜକୁ ଯେ ଧ୍ୱଂସାଭିମୁଖୀ ନକରାଇବ ସେକଥା କିଏ କହିବ ? ଏ ପରୀକ୍ଷାର ସୁଫଳ ଅନେକଭାବରେ ମନୁଷ୍ୟଜାତିର ହିତ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରେ । ପୂର୍ବ ପଶ୍ଚିମ ଯୁଦ୍ଧ ଉଦ୍ଦେଶ୍ୟରେ ବର୍ତ୍ତମାନ ମୁହାଁମୁହିଁ ଦୁଇ ମହାନ ଶକ୍ତି ଏହି ପରୀକ୍ଷାର ସୁପରିଣତିର ସୁଯୋଗ ଅବଶ୍ୟ ନେବେ । ଆଟମବମ୍‌ର ପିତା ଆଜି ଯେଭଳି ଚିନ୍ତିତ ଓ ବ୍ୟଥିତ, ବର୍ତ୍ତମାନ ପରୀକ୍ଷାରେ ନିୟୋଜିତ ବୈଜ୍ଞାନିକ ମଧ୍ୟ ଦିନେ ଅନୁତପ୍ତ ହେବେ । ଆମ ହାତଗଢ଼ା ଦାୟାଦମାନେ ଆମ ବଂଶ ଲୋପରେ ସହାୟକ ହେବେ !

ଏ ଦୃଷ୍ଟିରୁ ବର୍ତ୍ତମାନଠାରୁ ଆମକୁ ଦୂରଦୃଷ୍ଟି ରଖି ଜନମତ ସୃଷ୍ଟି କରିବାକୁ ହେବ । ଏସବୁ ପରୀକ୍ଷାନିରୀକ୍ଷାକୁ ଆମ ଖିଆଲ-ଶିଶୁର ନାଲି ନେଳୀ ଫୋଟକା ଖେଳ ନହେବାର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ବିଚାର କରିବାକୁ ହେବ । ନଚେତ୍ ବୈଜ୍ଞାନିକ ଦାୟୀ କି ରାଜନୀତିଜ୍ଞ ଦାୟୀ ପ୍ରଶ୍ନ ପଚାରିବା ହାସ୍ୟ ଗଛ ଆଗ କି ମଞ୍ଜି ଆଗ ପ୍ରଶ୍ନ ପରି ଉତ୍ତର ନଥାଇ ଅନ୍ଧାର ଘରେ କଳା ବିଲେଇ ଖୋଜିବା ଅବସ୍ଥା ଭୋଗିବାକୁ ହେବ !

ଆଧୁନିକ ମନୁଷ୍ୟ ଯେ ଏଭଳି ଏକ ଅବସ୍ଥା ଦେଇ ଗତି କରୁଛି, ଏଥିରେ ସନ୍ଦେହ ନାହିଁ । ସେ ଖୋଜୁଛି । ସେ କଣ ଖୋଜୁଛି, କ'ଣ ଚାହେଁ, ସେ ଜାଣେନା । ସୁଖ ଆନନ୍ଦ ମଧ୍ୟରେ ତଫାତ ଜାଣେନା, ତା'ର ଶତଶ୍ରମରେ ସୃଷ୍ଟ ଦାୟାଦ ଯେ ଆଜି ଖୋଜିଲ୍ ବେଳେ ପାଇଥିବା ମହାଦେବଙ୍କ

Digitized by srujanika@gmail.com

ନାଗସାପ ତା ଧ୍ୱଂସର ମୂଳରେ, ଏକଥା ସେ ଜାଣିବାକୁ ଚେଷ୍ଟା କରେନା ।

ଅଖିଳଙ୍କୁ ତନ୍ନତନ୍ନକରି ପଢ଼ୁଛେ, ଅନୁଧ୍ୟାନ କରୁଛେ, ଅଳ୍ପେ ବହୁତେ ଅଙ୍ଗେ ବି ନିର୍ଭେଉଛେ । ବର୍ତ୍ତମାନରେ ବଞ୍ଚୁଛେ, ସେ ଆମକୁ ନିଜର କରୁନ୍ତି । ଆଉ ଭବିଷ୍ୟତ ବି ଆମର ହେବ, ଆମ ଦାୟାଦର ହେବ, ସେ ଚେତନା ଆମକୁ ଦୋହଲାଇବାର କଥା । ଅଖିଳଙ୍କୁ ପାଠକରି ବର୍ତ୍ତମାନରେ ବଞ୍ଚିଲେ ଭବିଷ୍ୟତ ଯେ ଆପେ ଆପେ ଆମର ହୋଇଯିବ ସେକଥା ଆଜିର ସଭ୍ୟ ମନୁଷ୍ୟ କଦାପି ଚିନ୍ତାକରୁ ନଥିବ । ଯେଉଁ ଦୁଇ ଶ୍ରେଣୀର ମହାପୁରୁଷଙ୍କ ହାତରେ ଆମର ଭବିଷ୍ୟତ ନ୍ୟସ୍ତ ସେମାନଙ୍କୁ ଆମ ହାତ-ପାହାନ୍ତାରୁ ବାହାରକୁ ଯିବାକୁ ଦିଆଗଲେ ଆମ ଭବିଷ୍ୟତକୁ ମୁଷ୍ଟିମେୟ ବ୍ୟକ୍ତିଙ୍କ ହସ୍ତଗତ କରିବା ଛଡ଼ା ଆଉ କିଛି ନୁହେଁ । ଏ ଦୁଇ-ଜାତିକୁ ଲଗାମର ଦୃଢ଼ ବନ୍ଧନ ଭିତରେ ରଖିବା ବର୍ତ୍ତମାନ ମନୁଷ୍ୟର, ଜନତାର ପରମ କର୍ତ୍ତବ୍ୟ ହେବା ଉଚିତ୍ । ଇତି ।

—**ନାଟ୍ୟକାର**—

Digitized by srujanika@gmail.com

Digitized by srujanika@gmail.com

ପ୍ରଥମ ଦୃଶ୍ୟ

[ପରଦା ଉଠିବା ପରେ ଦେଖାଯାଏ ମଞ୍ଚର ମଧ୍ୟଭାଗରେ ଗୋଟିଏ ଖଣ୍ଡା ଝୁଲୁଛି । ତା'ଉପରେ ବଇଗଣି ରଙ୍ଗର ଆଲୋକପାତ ହୁଏ । ଖଣ୍ଡାଟି ଘୂରିବାକୁ ଲାଗେ ଓ ସ୍ଥିର ହୁଏ । ଆଲୋକ, ଖଣ୍ଡାତଳେ, ମଞ୍ଚ ଉପରେ ପଡ଼େ । ଆଗ ଉଇଙ୍ଗସ ଭିତରୁ ସିଧାସଳଖ ଜଣେ ପ୍ରୌଢ଼ "ହରି ଭରସା' ଉଚ୍ଚାରଣ କରି ଅପର ପକ୍ଷରେ ପ୍ରବେଶ କରନ୍ତି । ପଛ ଉଇଙ୍ଗସ୍‌ରୁ ହାତ ଧରାଧରି ହୋଇ ଦୁଇଜଣ ଯୁବକ ଯୁବତୀ ମନଖୋଲି ହସି ବାହାରି ଆସି ଅପର ପକ୍ଷର ଆଗ ଉଇଙ୍ଗସ୍ ଭିତରକୁ ଅନ୍ତର୍ଦ୍ଧାନ ହୁଅନ୍ତି । ପୁଣି ପଛ (ଅପର ପକ୍ଷର) ଉଇଙ୍ଗସ୍‌ରୁ ଜଣେ ବୟସ୍କ ବୈଜ୍ଞାନିକ ମଞ୍ଚକୁ ବାହାରନ୍ତି । ଦ୍ୱିଧା ଦେଖାନ୍ତି । ପୁଣି ଆଗାନ୍ତି । ଦ୍ୱିଧା । ପଛାନ୍ତି । ଦ୍ୱିଧା । ପୁଣି ଆଗାନ୍ତି ନିଶ୍ଚିତତାର ସହ । ପ୍ରବେଶ କରନ୍ତି ଅପର ପକ୍ଷରେ, ଆଗ ଉଇଙ୍ଗସ୍ ଦେଇ ।

ମଞ୍ଚରେ କ୍ଷୀଣାଲୋକ । ମଞ୍ଚର ପଛଭାଗରେ, କୌଣସି ଏକ ସ୍ଥାନରେ ଗୋଟିଏ ମହାକାଳ ବୃକ୍ଷ । ତାହାର ଚେର ମାଟି ଉପରେ କଙ୍କଡ଼ା ଗୋଡ଼ଭଳି ବାହାରିଛି । ବୃକ୍ଷର ପଶ୍ଚାତ୍‌ଦେଶରେ ନଦୀ, ଏକ ଅର୍ଦ୍ଧନଗ୍ନ ପର୍ବତ ପାଦଦେଶରେ । ପ୍ରବେଶ କଲେ ଜଣେ ପ୍ରୌଢ଼ ବୈଜ୍ଞାନିକ, ମା : ବିଶ୍ୱଜିତ୍ । ବର୍ତ୍ତମାନ କଳାକାର । ହାତରେ ଅତ୍ୟାଧୁନିକ ଆସବାବ ଓ ଚିତ୍ର ଆଙ୍କିବାର ସାମଗ୍ରୀ । ଷ୍ଟାଣ୍ଡଟି ସଜାଡ଼ି ଚିତ୍ରାଙ୍କନ ପର୍ଦ୍ଦା । ଆଣିବାକୁ ଯା'ନ୍ତେ ଦେଖନ୍ତି ଝୁଲା ଖଣ୍ଡା । ଆଲୋକ ତାଙ୍କ ଉପରୁ ପଡ଼େ ଝୁଲା ଖଣ୍ଡା ଉପରେ । ସେ ଅବାକ୍ ହୋଇ ରୁହନ୍ତି । ଘୂରି

Digitized by srujanika@gmail.com

କୋଣରୁ ପଶିଆସନ୍ତି ଚାରିଜଣ ବୈଜ୍ଞାନିକ । ଜଣକ ପରେ ଜଣେ ।
ଆଲୋକ, ଖଣ୍ଡାଡଲେ ମଞ୍ଚରେ ପଡ଼େ ।]

ପ୍ରଥମ ବୈଜ୍ଞାନିକ : You did it, not knowing what you did.

(ଆଲୋକ ନିକଟରେ ଦଣ୍ଡାୟମାନ ହୁଅନ୍ତି ।)

ଦ୍ୱିତୀୟ ବୈଜ୍ଞାନିକ : He does it, not knowing what he does.

(ଆଲୋକ ନିକଟରେ ଦଣ୍ଡାୟମାନ ହୁଅନ୍ତି ।)

ତୃତୀୟ ବୈଜ୍ଞାନିକ : They do it, not knowing what they do.

(ଆଲୋକ ନିକଟରେ ଦଣ୍ଡାୟମାନ ହୁଅନ୍ତି ।)

ଚତୁର୍ଥ ବୈଜ୍ଞାନିକ : We do it, not knowing what we do.

(ଆଲୋକ ନିକଟରେ ଦଣ୍ଡାୟମାନ ହୁଅନ୍ତି ।)

Voice : Man does it, not knowing what he does.

(ଖଣ୍ଡା ଖସି ଆସେ ହାତ ପାହାନ୍ତାକୁ । ନିମ୍ନମୁଖୀ ଖଣ୍ଡାକୁ ସେମାନେ ସମାନ୍ତରାଳ ରୂପ ଦିଅନ୍ତି ।)

Voice : Man dces it, not knowing what he does.

(ଖଣ୍ଡା ଉପରକୁ ଚାଲିଯାଏ । ସେମାନେ ହାତ ଟେକି ଏକ ମୁହୂର୍ତ୍ତ ରହିବାପରେ ପଛୁଆ ପାଦରେ ନିଜ ନିଜ ଉଇଙ୍ଗସ୍ ଭିତରକୁ ଉଭାଇ ଯା'ନ୍ତି । ମଞ୍ଚ ଅପରାହ୍ନ ୪ଟା ବେଳର ସୂର୍ଯ୍ୟାଲୋକରେ ଆଲୋକିତ ହୁଏ । ମା : ବଶିଷ୍ଠଙ୍କର ପ୍ରବେଶ ହୁଅନ୍ତି ।)

Digitized by srujanika@gmail.com

ବିଶ୍ୱଜିତ୍   ଅସମ୍ଭବ । ନା । କଦାପି ନୁହେଁ ।

(ଚିତ୍ର ଆଙ୍କିବାକୁ ଆରମ୍ଭ । ଆରମ୍ଭ କରନ୍ତି ରମଣୀୟ ପ୍ରକୃତିକୁ ଦେଖି । କିନ୍ତୁ ପରଦାରେ କ୍ରମେ ଗୋଟିଏ ମାଙ୍କଡ଼ର ଚିତ୍ର ଆଙ୍କିହୋଇଯାନ୍ତି । ଆଗ ଉଇଙ୍ଗସ୍‌ରୁ ବାହାରି ଆସି ପୁଣି ଅପସରି ଯା'ନ୍ତି ଡାର୍‌ଉଇନ୍ ! ବୃଦ୍ଧ, ମୁଣ୍ଡ ବଡ଼, ମଧ୍ୟଭାଗ ଚନ୍ଦ୍ରକଳାବିଶିଷ୍ଟ । ଭ୍ରୂଲତା ଲୋମଭରା, ନାଶାଗ୍ର ବିଶେଷ ତୀକ୍ଷ୍ଣ ନୁହେଁ । ଖୁବ୍ ଲମ୍ବ ଗାଲିସ । ବିଦେଶୀ, ଡାଆଁ ଓ ଚଶମାଟିରେ । କଳା ପୋଷାକ । ଦୁଇଥର ପ୍ରବେଶ କରି ଉଇଙ୍ଗସ୍ ଭିତରକୁ ଉଭାଇ ଯା'ନ୍ତି । ପରିଶେଷରେ ମଞ୍ଚ ଭିତରେ କ୍ଷୀଣ ମିଳାଲୋକ ତରିଗର ଭିତରେ ଇତସ୍ତତଃ ହୁଅନ୍ତି । ମା : ବିଶ୍ୱଜିତ୍ ଆଉକିଛି ବ୍ୟାଗ୍‌ରୁ ଆଣିବାକୁ ଯାଇ ଅତର୍କିତ ଭାବରେ ଡାର୍‌ଉଇନ୍‌ଙ୍କ ସହ ଆଳାପ ଆରମ୍ଭ କରନ୍ତି ।)

ବିଶ୍ୱଜିତ୍   ଅନାହୂତ !

ଡାର୍‌ଉଇନ୍ : ଆହ୍ୱାନର ଆବଶ୍ୟକତା ଉପଲବ୍ଧି କରିନ ।

ବିଶ୍ୱଜିତ୍ : ତେବେ ଅବତରଣ କାହିଁକି ?

ଡାର୍‌ଉଇନ୍ : ଅବତରଣ ନୁହେଁ । ମୁଁ ଏ ରାଜ୍ୟର ଅଧିବାସୀ ।

ବିଶ୍ୱଜିତ୍   ଥିଲେ । ମୁଁ ରାଜ୍ୟ କଥା କହୁନାହିଁ । ସମୟ କଥା ।

ଡାର୍‌ଉଇନ୍ . ଥିଲି ଓ ଅଛି । ରାଜ୍ୟର ସମୟର ।

ବିଶ୍ୱଜିତ୍ : ପିତାମହ ! ଆପଣ ଉନବିଂଶ ଶତାବ୍ଦୀର । Natural Selectionର ମୂର୍ତ୍ତି ଘଟିଛି ।

ଡାର୍‌ଉଇନ୍ : ଅସମ୍ଭବ ! ତୁମେ ତୁମ ବୈଜ୍ଞାନିକ ସଫଳତାରେ 'ନୋବେଲ୍ ପୁରସ୍କାର' ପାଇଛ ସତ । କିନ୍ତୁ ତା'

Digitized by srujanika@gmail.com

Natural Selectionର ମୃତ୍ୟୁ ନୁହେଁ । ଡାର୍‌ୱଇନ୍‌ର ମୃତ୍ୟୁ ହୋଇନପାରେ !

ବଶ୍ମ୍ୟାକଡ୍ ଆପଣ ଅତୀତର । ଇତିହାସର ।

ଡାର୍‌ୱଇନ୍ : ଆଉ ତୁମେ ?

ବଶ୍ମ୍ୟାକଡ୍ ବର୍ତ୍ତମାନର Natural Selectionର ହନ୍ତା ମୁଁ ।

ଡାର୍‌ୱଇନ୍ : ବର୍ତ୍ତମାନ ଅତୀତ ଗର୍ଭରୁ ଜାତ । ସେ ତାର ସନ୍ତାନ ।

ବଶ୍ମ୍ୟାକଡ୍ ନାଭିବନ୍ଧନ ଜନ୍ମଲାଭ କରିବା ପରେ ଛିନ୍ନ ହୁଏ । ସେ ସମ୍ପର୍କ ଲୋପପାଏ ଜନ୍ମଲାଭ ପରଠାରୁ । ଅତୀତ ଖୋଳପାରୁ ବର୍ତ୍ତମାନ ଜାତ । ଖୋଳପା ନିର୍ଜୀବ ।

ଡାର୍‌ୱଇନ୍ : ନାଭିବନ୍ଧନ ଛିନ୍ନ ହେବା ସଙ୍ଗେ ସଙ୍ଗେ ବାହ୍ୟବନ୍ଧନ ଛିନ୍ନ ହୋଇପାରେ । କିନ୍ତୁ ଅତୀତ ବର୍ତ୍ତମାନର ରକ୍ତ କଣିକାରେ ପ୍ରବାହିତ ।

ବଶ୍ମ୍ୟାକଡ୍ ମାନେ···ଆପଣ ମୋ ଭିତରେ ······

ଡାର୍‌ୱଇନ୍ : ହିଁ ତୁମ ଭିତରେ । ବର୍ତ୍ତମାନ ଭିତରେ । ବର୍ତ୍ତମାନ ଭିତରେ ଅତୀତ ।

ବଶ୍ମ୍ୟାକଡ୍ ଅତୀତ ଭିତରୁ ବର୍ତ୍ତମାନ ।

ଡାର୍‌ୱଇନ୍ : ବର୍ତ୍ତମାନ ଭିତରେ ଅତୀତ, ଅତୀତ ଅମର । ତାର ମୃତ୍ୟୁ ଅସମ୍ଭବ ।

ବଶ୍ମ୍ୟାକଡ୍ ବର୍ତ୍ତମାନ ସଜୀବ । କର୍ମରତ । ସେ ଅତୀତ ମୁହଁରେ କଳା ବୋଳିପାରେ । ମୁଁ ଯେପରି ଆପଣଙ୍କ ସୁପରିଚିତ Origin of Species ରେ ବୋଳିଛି ।

Digitized by srujanika@gmail.com

ଡାର୍‌ଉଇନ୍ : ଯେ ଅମର ତା ମୁହଁରେ କଳା ବୋଳିଲେ ସେ ନୂଆ ରୂପ ପାଏ । କିନ୍ତୁ ଅତୀତ ବର୍ତ୍ତମାନକୁ ଗ୍ରାସ କରେ ।

ବିଶ୍ୱଜିତ୍ ଅତୀତ କବରରେ ଥାଏ । ସେ ଅଚଳ ।

ଡାରଉଇନ୍ : ତାର ଦୂତ ବର୍ତ୍ତମାନରେ ଥାଏ । ତୁମ ରକ୍ତରେ, ମନରେ, କାୟାରେ । ତୁମ ମନ ଓ କାୟାରେ ସେ ତାର କଳା ବ୍ରସ୍ ମାରେ ।

ବିଶ୍ୱଜିତ୍ ନା !

ଡାରଉଇନ୍ : (ହାତକୁ ଦର୍ପଣ ଭଳି ଦେଖାଇଦେଇ) ଦେଖ ତେବେ । ଏ ଅତୀତ-ଦର୍ପଣରେ ତୁମ ଅବୟବକୁ ପରଖିନିଅ । ଦେଖ, ତୁମ ଚିକ୍‌କଣ ମୁହଁରେ ଅତୀତ ଅନେକ କଳା ଗାର ମାରି ସାରିଛି । ତୁମର ବାଳର ରଙ୍ଗ ଅତୀତର···

ବିଶ୍ୱଜିତ୍ ତାର ସ୍ଥିତି ବର୍ତ୍ତମାନର ।

ଡାର୍‌ଉଇନ୍ : ରଙ୍ଗ ଅତୀତର । ତୁମର ଦାନ୍ତ ଅତୀତରେ ହଜି ସାରିଛି । ତୁମ ବର୍ତ୍ତମାନର ଦାନ୍ତ ମିଥ୍ୟା । ତୁମ ଆଖିର ଝଲକରେ ଅତୀତର ଛାୟା । ତୁମେ ଅତୀତର ଅଇଁଠା ସଙ୍ଗୁଡ଼ି । ଅତୀତ-ଖାଦ୍ୟ-ଥାଳିରୁ ତୁମେ ଡେଇଁ ପଡ଼ିଛ । ତୁମ ସାଥୀମାନେ ଅତୀତ ଗର୍ଭରେ ଲୀନ ହୋଇ ସାରିଲେଣି । ତୁମର ବର୍ତ୍ତମାନ ଅତୀତର ବର୍ତ୍ତମାନ ।

ବିଶ୍ୱଜିତ୍ କିନ୍ତୁ ଆପଣ କାହିଁକି ?

ଡାର୍‌ଉଇନ୍ : ମୁଁ ନୁହେଁ । ତୁମେ । ତୁମେ ମୋତେ ଭୁଲିବାକୁ ଚାହୁଁଛ ।

ବିଶ୍ୱଜିତ୍ ଚେଷ୍ଟା କରୁଛି । ସ୍ୱାଭାବିକ୍ ।

ଡାର୍‌ଉଇନ୍ : ଚେଷ୍ଟା ନୁହେଁ । ଅପଚେଷ୍ଟା । ଚେଷ୍ଟାର ଅପଚେଷ୍ଟା ।

Digitized by srujanika@gmail.com

ବିଶ୍ୱଜିତ୍ — ଭୁଲିବାର ଆବଶ୍ୟକତା ରହିଛି । ଅତୀତ ଭୁଲ୍ । Natural Selection ଭୁଲ୍ ।

ଡାର୍‌ୱଇନ୍ : ସେତେବେଳେ ଠିକ୍ ଥିଲା । ଏବଂ ସେତେବେଳେ ଥିଲା 'ବର୍ତ୍ତମାନ'ର ।

ବିଶ୍ୱଜିତ୍ — ମନୁଷ୍ୟ ତାର evolutionର ନାୟକ । ଏହା ପ୍ରମାଣିତ ହୋଇ ସାରିଛି । ନୋବେଲ୍ ପୁରସ୍କାର ବିଜେତାଙ୍କ ଔରସରୁ·········

ଡାର୍‌ୱଇନ୍ : ଓ ଅତି ବୁଦ୍ଧିମନ୍ତ, ସୁନ୍ଦର, ସୁବଳଙ୍କ ଔରସରୁ······

ବିଶ୍ୱଜିତ୍ — ଆପଣ·········

ଡାର୍‌ୱଇନ୍ : ହଁ, ମୁଁ ଜାଣେ । ମୁଁ ତୁମର ଭିତରେ······ଅତୀତ ବର୍ତ୍ତମାନ ଭିତରେ ।

ବିଶ୍ୱଜିତ୍ — ମୁଁ ମହାମାନବ ଗଢ଼ିଛି ।

ଡାର୍‌ୱଇନ୍ : ସୁନ୍ଦର ।

ବିଶ୍ୱଜିତ୍ — ବୁଦ୍ଧିମାନ୍ ।

ଡାର୍‌ୱଇନ୍ : ବଳଶାଳୀ ।

ବିଶ୍ୱଜିତ୍ — ବିଦ୍ୱାନ୍ ।

ଡାର୍‌ୱଇନ୍ : ଯୋଦ୍ଧା ।

ବିଶ୍ୱଜିତ୍ — ମହାମାନବ ଗଢ଼ିଛି ।

ଡାର୍‌ୱଇନ୍ : ଘର, ପରିବାର ଭାଙ୍ଗିଛି ।

ବିଶ୍ୱଜିତ୍ — ମୁଁ ବୁଝିହେଁ ।

Digitized by srujanika@gmail.com

ଡାର୍‌ଉଇନ୍ : ପୃଥିବୀ-ସ୍ୱର୍ଗକୁ ନର୍କ କରୁଛି ।

ବିଶ୍ୱଜିତ୍ ମୁଁ ନୁହେଁ ।

ଡାର୍‌ଉଇନ୍ : ହୃଦପୃବର୍ଦ୍ଧନ ଯନ୍ତ୍ର ଗଢ଼ିଛି । କମ୍ପ୍ୟୁଟର ଗଢ଼ିଛି । ପରିବାର ଭାଙ୍ଗି ଜାଗାଯୁ ଶିଶୁ ପ୍ରଜନନ କେନ୍ଦ୍ର ଗଢ଼ିଛି । ବିବାହିତ ଦମ୍ପତିଙ୍କଠାରୁ ଜନ୍ମଦେବାର ଅଧିକାର ଛଡ଼ାଇ ନେଇଛି ।

ବିଶ୍ୱଜିତ୍ ମୁଁ ନୁହେଁ ।

ଡାର୍‌ଉଇନ୍ : ଆଉ କିଏ ?

ବିଶ୍ୱଜିତ୍ ରାଜନୀତିଜ୍ଞ । ସ୍ୱାର୍ଥାଭିଳାଷୀ Politician. ବିଶେଷ ଦେଶପ୍ରୀତି ଓ ସଙ୍କୀର୍ଣ୍ଣ ରାଜନୈତିକ ଆଦର୍ଶର ଦୋହାଇ ଦେଇ ଏସବୁ ପାଇଁ ଦାୟୀ ରାଜନୀତିଜ୍ଞ ।

ଡାର୍‌ଉଇନ୍ : ତୁମେ ତାର ହାତବାରିସି ।

ବିଶ୍ୱଜିତ୍ ନା । ମୁଁ । ତୁମେ । ସେମାନେ । ରାମ ଓ ଯଦୁ । ସଭିଏଁ । ସଭିଏଁ ସେଥିପାଇଁ ଦାୟୀ । ସଙ୍କୀର୍ଣ୍ଣ ମନୋଭାବାପନ୍ନ ରାଜନୀତିଜ୍ଞଙ୍କର ହାତମୁଠା ଟାଣ କରୁଛି ଏ ଜନତା ।

ଡାର୍‌ଉଇନ୍ : ମନୁଷ୍ୟ କାନ୍ଧରେ ଲଦିଛ ଏ ଖଣ୍ଡା । (ଖଣ୍ଡାକୁ ହାତ ଦେଖାଇ)

ବିଶ୍ୱଜିତ୍ ନା !

ଡାର୍‌ଉଇନ୍ : ହଁ, ତମେ ।

ବିଶ୍ୱଜିତ୍ ମିଥ୍ୟା । ନା ! ମୋର ସ୍ୱପ୍ନ ରାମରାଜ୍ୟର । ସତ୍ୟର । ସୁନ୍ଦର ପରିବାରର । ମଧୁମୟ ଦାମ୍ପତ୍ୟ ଜୀବନର……

Digitized by srujanika@gmail.com

(ଡାଉ୍‌ଜଇନ୍ ଧୀରେ ଧୀରେ ଊଇଙ୍ଗସ୍ ଭିତରକୁ ଚାଲିଯା'ନ୍ତି । ଅନ୍ଧକାର ହୁଏ । ପୁଣି ମଞ୍ଚ ଲୋହିତ ଆଲୋକରେ ଆଲୋକିତ ହୁଏ । ହାତରେ ସ୍କୁଲ ବାକ୍‌ସ ନେଇ ଚାଲି ଆସିଲା ସାତ ଆଠ ବର୍ଷର ବାଳକ ।)

ବାଳକ — ମମି ! ମମି ! (ମମି ପ୍ରବେଶ କଲେ । ବୟସ ୨୫।୩୦)

ମମି — ଜ୍ୟୋତି !

(ତା ହାତରୁ ବାକ୍‌ସ ନେଇଯା'ନ୍ତି । ଘରେ ଉଭୟେ ପ୍ରବେଶ କରନ୍ତି । ବାଳକ ଅଧା ବିସ୍କୁଟ ପ୍ୟାକେଟ୍‌ଟିଏ ଧରି ଖାଇ ଖାଇ ମଞ୍ଚକୁ ପୁଣି ଆସେ । ବିସ୍କୁଟ ଖାଇ ସାରି ଖାଲି ପୁଡ଼ା ମମି ଉପରକୁ ଫିଙ୍ଗିଦିଏ । ମମି ଚାରି ଆଣି ପିଆନ୍ତି । ସେ ମମି ନିକଟକୁ ଦୌଡ଼େ । ମମି ବି ଦୌଡ଼ନ୍ତି । ପରେ ଜ୍ୟୋତିକୁ ଧରି ଚୁମା ଦିଅନ୍ତି ।)

ଆଜି କ'ଣ ପଢ଼ା ହେଲା ?

ଜ୍ୟୋତି — (ପାଟି ବନ୍ଦ କରି ମୁହଁରେ ଆଙ୍ଗୁଠି ଦେଇ ରୁହେ । ମମି ତା'ଠାରୁ କଥା ଆଦାୟ କରିବାର ଚେଷ୍ଟା କରନ୍ତି । ଏତିକିବେଳେ ପ୍ରବେଶ କରନ୍ତି ବିଶ୍ୱଜିତ୍, ତିରିଶ ବର୍ଷ ବୟସରେ ।)

ବିଶ୍ୱଜିତ୍ — ହେଲୋ ଜ୍ୟୋତି !

(ଜ୍ୟୋତି ବାପାଙ୍କ ବେଣା ଉପରକୁ ଉଠିଯାଏ । ସେଠାରୁ ମା'ଙ୍କ ଗାଲରେ ଚୁମାଦିଏ, ଝୁଙ୍କିପଡ଼େ ।)

ମମି — ଆଜି ତାର କ'ଣ ପଢ଼ା ହେଲା ଟିକିଏ ପଚାରି ଦେଖ ।

ବିଶ୍ୱଜିତ୍ — ହାଁ । ଜ୍ୟୋତି ସୁନା ପିଲା । ଆଜି ସ୍କୁଲରେ କ'ଣ କ'ଣ ହେଲା କହିଦେବ ।

Digitized by srujanika@gmail.com

ଜ୍ୟୋତି — (ବାପାଙ୍କ କୋଳରୁ ଦୂରେଇ ଯାଇ) Fall in. (ବାପା, ମା' ଧାଡ଼ିବାନ୍ଧି ଠିଆ ହୁଅନ୍ତି ।) Attention Left······right······left······right······Back turn···left right···March-stop, one, two. (ବାପ ମା' ମାନେ କରତାଳି ଖୁବ୍ ହସନ୍ତି ।)

ବିଶ୍ୱଜିତ୍ — ଆଉ କ'ଣ ସବୁ ହେଲା ?

ଜ୍ୟୋତି — ଆଉ ? (ବାପାଙ୍କୁ, ଗୁରୁଙ୍କୁ ନିର୍ଦ୍ଦେଶ ଦେବା ଭଙ୍ଗିରେ) ବିଶ୍ୱଜିତ୍ ! ଗୋଟାଏ ଗପ କୁହ ।

ବିଶ୍ୱଜିତ୍ — ବୈଶାଖ ମାସ । ଖୁବ୍ ଖରା ହେଉଥାଏ । ନଈ, ନାଳ, ପୋଖରୀ ସବୁଆଡ଼ ଶୁଖିଯାଇଥାଏ ।

ଗୋଟିଏ କୁଆକୁ ଖୁବ ଶୋଷ ହେଲା । ସେ କାହିଁ ପାଣି ପାଇଲା ନାହିଁ । ଉଡ଼ି ଉଡ଼ି ଗୋଟିଏ ବଗିଚାରେ ଆସି ପହଞ୍ଚିଲା । ଗୋଟିଏ ମାଠିଆରେ କିଛି ପାଣିଥିବାର ଦେଖିଲା, ନିକଟରୁ କିଛି ଗୋଡ଼ି ଆଣି ପକାଇଲା । ପାଣି ଉପରକୁ ଉଠିଲା । ସେ ପେଟେ ପାଣି ପିଇ ଉଡ଼ି ଉଡ଼ି ଚାଲିଗଲା ।

ଜ୍ୟୋତି — ସାବାସ୍ । (ଜ୍ୟୋତି ବାପାଙ୍କ ପାଖକୁ ଯାଇ ଫୁସଫୁସ୍ କରି କିଛି କହେ) ଭଲ ପିଲା । ବିଶ୍ୱଜିତ୍ ଭଲ ପିଲା । ହଁ । ମମି ! ନା, ନା ରୀତା ! ଗୋଟିଏ ଗୀତ ଗାଇ ଶୁଣାଇଲ ।

ମମି — କୁକୁର ଚାଲିଏ ସାଇକେଲଟି
ଭାଲୁ ଖେଳଇ ଢୋଲ,
ହାତୀ ପିଠିରେ ବାଘ ବସିଛି
ବାଘ ପିଠିରେ ଛେଳି ।

Digitized by srujanika@gmail.com

ଠେକୁଆ ଘଇ ଚୋଳଇ ଘର
କୁକୁଡ଼ା ଝାଣେ ଗାଡ଼,
ବିଲେଇ ନାମ ଜଠାଏ ଫଟୋ
ମୂଷା ପଲକୁ ଦେଖି ।
ଉଁ...ଉଁ.........

ବିଶ୍ୱଜିତ୍ — ବିଲୁଆନନା କଲମ ଧରି
ବସିଛି ଗୀତ ଲେଖି ।

ଜ୍ୟୋତି — ଖିତା ! ଭଲ କରି ମୁଖସ୍ଥ କରିନାହଁ । ଏକ ଗୋଡ଼ଆ ଠିଆ ହୁଅ । ହଁ । ବିଶ୍ୱଜିତ୍ ! କପି ଦେଉଛ । ପାଞ୍ଚ ଥର ବସଉଠ ହୁଅ । (ସେ ବସଉଠ ହୁଅନ୍ତି ।) ଏକ, ଦୁଇ, ତିନି, ଚାରି, ପାଞ୍ଚ । (ଜ୍ୟୋତି କିଛି ସମୟ ପରେ ମମି ନିକଟକୁ ଦୌଡ଼ିଯାଇ ଗୋଡ଼କୁ ଜାବୁଡ଼ିଧରେ ।) ଡାଡି ! ମୁଁ ବାହା ହେବି ନା ?

ବିଶ୍ୱଜିତ୍ — ହଁ, ବାହା ହେବୁ । ବାଣ ଫୁଟିବ । ବାଜା ବାଜିବ । ବଡ଼ ହୁଅ ।

ଜ୍ୟୋତି — ନା, ନା, ବାହା ହେବି । ଏବେ ବାହା ହେବି । (ରୁମାଲକୁ ବା କୌଣସି ଗୋଟିଏ ଗାମୁଛାକୁ ମୁଣ୍ଡରେ ଗୁଡ଼ାଇ ଦେଇ) ଘୋଡ଼ା, ଡାଡି,-ଘୋଡ଼ା !

(ବିଶ୍ୱଜିତ୍ ଘୋଡ଼ା ଭଳି ହୋଇଗଲେ । ଜ୍ୟୋତି ଘୋଡ଼ା ହୋଇଥିବା ଡାଡି ଉପରେ ବସିପଡ଼େ ମଞ୍ଚରେ ଦୁଇ ତିନିଥର ଘୋଡ଼ା ଦୌଡ଼ କରନ୍ତି । ଭିତରୁ ବିବାହ ବାଜା ଶୁଣାଯାଏ । ସଭିଏଁ ମଞ୍ଚରୁ ଅନ୍ତର୍ଦ୍ଧାନ ହୁଅନ୍ତି । ନୀଳାଲୋକରେ ପୁଣି ମଞ୍ଚ ଆଲୋକିତ ହୁଏ, କିଛି ସମୟ ଅନ୍ଧକାର ହେବାପରେ । ଆଲୋକ ଆସିଲା ବେଳକୁ ବୈଜ୍ଞାନିକ ପୂର୍ବାବସ୍ଥାରେ ଦେଖାଯାନ୍ତି । ଧୀରେ ଧୀରେ ପ୍ରବେଶ କରନ୍ତି ଡାରୱିନ୍ ।)

Digitized by srujanika@gmail.com

ଡାର୍‌ଉଇନ୍ : ଦାମ୍ପତ୍ୟ ଜୀବନର ସୁସ୍ଥ ବାତାବରଣ······

ବର୍ଣ୍ଣାର୍ଡ଼ : ମୁଁ ଜାଣିଶୁଣି ପରିହାର କରିଛି । ମୁଁ ଉତ୍ସର୍ଗ କରିଥିଲି ନିଜକୁ ସତ୍ୟର ସନ୍ଧାନରେ ।

ଡାର୍‌ଉଇନ୍ : ତୁମ ଦାମ୍ପତ୍ୟ ଜୀବନର ସ୍ୱପ୍ନ, ସ୍ୱପ୍ନ ନୁହେଁ ।

ବର୍ଣ୍ଣାର୍ଡ଼ : ନା । ତା ସ୍ୱପ୍ନର ସ୍ୱପ୍ନ । ମୁଁ ତାକୁ ସ୍ୱପ୍ନରେ ହିଁ ରହିବାକୁ ଦେଇଛି । ସେ ସ୍ୱପ୍ନ ଯୌବନର ।

ଡାର୍‌ଉଇନ୍ : ପରିବାରର ମୂଲ୍ୟ ଉପଲବ୍ଧି କରିଥିଲେ, ତାର ମୋହ ଅନୁଭବ କରିଥିଲେ, ତୁମେ ଆଜି ପୃଥିବୀରୁ ଏ ମହାନ୍ ଚିରଚରିତ ଅନୁଷ୍ଠାନକୁ ନଷ୍ଟ କରିବାରେ ସହାୟକ ହୋଇ ନ ଥାନ୍ତ ।

ବର୍ଣ୍ଣାର୍ଡ଼ : ମୁଁ ଆପଣଙ୍କୁ କହିରଖିଛି ସେଥିପାଇଁ ଦାୟୀ ଅନ୍ୟମାନେ । ଆପଣ ମନୁଷ୍ୟ ମସ୍ତିଷ୍କରେ ଅଫିମ ବୋଳି ଦେଇ ପୁଣି···

ଡାର୍‌ଉଇନ୍ : ଆଉ ତୁମେ ତାକୁ ଧୋଇ ଦେଇ ତା' ହୃଦୟରେ ବୋଳି ଦେଇଛ ।

ବର୍ଣ୍ଣାର୍ଡ଼ : ମନୁଷ୍ୟ ପ୍ରକୃତିର ଦାସ । ସେ ନିଜ ଭବିଷ୍ୟତ ଦାୟିତ୍ୱର ଉତ୍ତରୋତ୍ତର ଶାରୀରିକ ଆଉ ମାନସିକ ପରିବର୍ତ୍ତନ କରିବାକୁ ଅକ୍ଷମ ବୋଲି ଦେଇଯାଇଥିବା ଆପଣଙ୍କ ଯୁକ୍ତିକୁ ମୁଁ ଭୁଲ୍ ପ୍ରମାଣିତ କରିଛି । ମନୁଷ୍ୟ ହାତରେ ଦେଇଛି ତା' ଦାୟିତ୍ୱର ଭାଗ୍ୟ ! ସେ ପ୍ରକୃତିର ଦାସ ନୁହେଁ ।

······

ଡାର୍‌ଉଇନ୍ : ଏବଂ ତା ଦ୍ୱାରା ତୁମେ କରିଛ ସର୍ବନାଶ । ବ୍ୟକ୍ତି, ପରିବାର ଓ ଜାତି ଏ ତିନି ଅଛିତର ଶ୍ରେଷ୍ଠ ଅନୁଷ୍ଠାନ । ତୁମେ ତୁମର ବୈଜ୍ଞାନିକ ପରୀକ୍ଷାର ଫଳ ରୂପେ ମନୁଷ୍ୟକୁ ଯାହା ଦେଇଛ, ନେଇଯାଇଛ ତା'ଠାରୁ ଯଥେଷ୍ଟ ଅଧିକ

Digitized by srujanika@gmail.com

ବିଶ୍ୱଜିତ୍ — ମୁଁ ନିଃସ୍ୱାର୍ଥପର । ସତ୍ୟର ସନ୍ଧାନୀ । କୌଣସି ପ୍ରତିଫଳ ଆଶାରେ ମୁଁ ବୈଜ୍ଞାନିକ ନିରୀକ୍ଷଣ କରି ନ ଥିଲି ।

ଡାର୍‌ୱିନ୍ : ତୁମେ ମନୁଷ୍ୟର ଶ୍ରେଷ୍ଠ ଅନୁଷ୍ଠାନ ପରିବାରକୁ ନଷ୍ଟ କରିଛ । ଆଜି ପୁରୁଷ ଅଛି । ନାରୀ ଅଛି । କିନ୍ତୁ ମଝିରୁ ପରିବାର ନାମକ ଅନୁଷ୍ଠାନଟି ଉଭେଇଛି । ଏବଂ ତା' ସ୍ଥାନରେ ସୃଷ୍ଟି ହୋଇଛି ଶୂନ୍ୟସ୍ଥାନ । Void. ଏବଂ ଏ ଶୂନ୍ୟସ୍ଥାନ ହେଉଛି ଆଜି ମଣିଷର ଦୁଃଖ ।

ବିଶ୍ୱଜିତ୍ — କିନ୍ତୁ............

ଡାର୍‌ୱିନ୍ : ଜାତୀୟ ଶିଶୁ ପ୍ରଜନନ କେନ୍ଦ୍ରରୁ ଶିଶୁ ଉତ୍ପାଦନ ହେଉଛି । ପୁରୁଷ ଓ ମହିଳା ଆଜି ସ୍ୱାମୀ ଓ ସ୍ତ୍ରୀ ନୁହେଁ । ଶିଶୁ ଓ ଶିଶୁ ଭାଇ ଆଉ ଭଉଣୀ ନୁହେଁ । ଶିଶୁର ବାପ ନାହିଁ । ବାପର ପୁଅ ନାହିଁ । ମା'ର ଝିଅ ନାହିଁ । ଝିଅର ମା'......ଏସବୁ ଲୋପ ପାଇଛି । ସମ୍ପର୍କ ଛିନ୍ନ ହୋଇଛି ।

ବିଶ୍ୱଜିତ୍ — ବନ୍ଧନ ଛିନ୍ନ ହୋଇଛି ।

ଡାର୍‌ୱିନ୍ ! — ମଧୁର ମା' ଡାକ ଲୋପ ହୋଇଛି ।

ବିଶ୍ୱଜିତ୍ — ସ୍ନେହ ମମତା ଉଭେଇଛି ।

ଡାର୍‌ୱିନ୍ : ସୁଖ ଭଗ୍ନ ହୋଇଛି ।

ବିଶ୍ୱଜିତ୍ — କିନ୍ତୁ ମୁଁ କହିସାରିଛି, ମୁଁ ସେଥିପାଇଁ ଦାୟୀ ନୁହେଁ । ମହାମାନବ ଗଢ଼ିବା ମୋର ଥିଲା ଲକ୍ଷ୍ୟ । ଆପଣ ବାରମ୍ବାର......

ଡାର୍‌ୱିନ୍ : ତୁମେ ପଳାୟନପନ୍ଥୀ, ସୁବିଧାବାଦୀ ।

ବିଶ୍ୱଜିତ୍ — ନା, ମୁଁ ବୈଜ୍ଞାନିକକୁ ହଜାଇ ଖୋଜୁଛି କଳାକାରକୁ (ବ୍ରସ୍ ଦେଖାଇ)

Digitized by srujanika@gmail.com

ଡାର୍‌ୱଇନ୍ : କାହିଁକି ? କଳା ··· ?

ବିଶ୍ୱଜିତ୍ ଯେଉଁ ଦୁର୍ଦ୍ଦଶା ପାଇଁ ମୁଁ ଦାୟୀ ନୁହେଁ, ସେଥିପାଇଁ ପ୍ରାୟଶ୍ଚିତ କରିବାକୁ ମୁଁ ବାଧ୍ୟ ନୁହେଁ । କଳା ମୋର ହବି ।

ଡାର୍‌ୱଇନ୍ : ତୁମେ ବୈଜ୍ଞାନିକକୁ ହଜାଇପାର; କିନ୍ତୁ କଳାକାରକୁ ହାଇପାରିବ ନାହିଁ ।

ବିଶ୍ୱଜିତ୍ ପାଇ ସାରିଛି ।

ଡାର୍‌ୱଇନ୍ : କାହିଁ ······ ?

ବିଶ୍ୱଜିତ୍ (ବୁଲି ପଡ଼ି ଆଙ୍କିଥିବା ଚିତ୍ରଟିକୁ ଦେଖାନ୍ତି) ଏଇ ଦେଖନ୍ତୁ ।

ଡାର୍‌ୱଇନ୍ : ଏ କଳାକାରର ରେଖା ନୁହେଁ । ତୁମେ ଅତୀତକୁ, ଅତୀତର ସତ୍ୟକୁ ଭୁଲିବାକୁ ଯାଇ ଭୁଲିଯାଇଛ ବର୍ତ୍ତମାନକୁ । ତୁମର ବର୍ତ୍ତମାନ ଲୀନ ହୋଇଛି ଅତୀତରେ । ଅତ ଅତୀତ ଅଛି ବର୍ତ୍ତମାନରେ । ଦେଖ, ତୁମର ଏ ଚିତ୍ର ଦେଖ । ଏ ଚିତ୍ର ତୁମର କଳାକାରର landscape ନୁହେଁ । ଝରଣାର କୁଳୁ କୁଳୁ ନାଦରେ ଝଙ୍କାରିତ ମନୋରମ ଫଳଫୁଲଭରା ବନତଳର ମନୋହର ଦୃଶ୍ୟ ନୁହେଁ । ଏ ଚିତ୍ର ବୈଜ୍ଞାନିକର । ଅତୀତର Origin of species ର । ତୁମେ କରିଛ ମାଙ୍କଡ଼ । ତୁମେ ଗଢ଼ିଛ ମାଙ୍କଡ଼ । ତୁମ ମହାମାନବ ପଶୁ, ହୃଦୟହୀନ ପଶୁ ।

(ଡାର୍‌ୱଇନ୍ ବିଦାୟ ନିଅନ୍ତି କ୍ରମେ କ୍ରମେ । ବିଶ୍ୱଜିତ୍ ପରିସ୍ଥିତିର ମୁକାବିଲା କରି ହତଭମ୍ବ ହୁଅନ୍ତି । ମୁହଁରୁ ଝାଳ ପୋଛନ୍ତି ।

ବିଶ୍ୱଜିତ୍ ଏଁ, ମାଙ୍କଡ଼ ! ନା ନା ନା । ମୋତେ ଦୃଢ଼ ହେବାକୁ ହେବ । ଅତୀତକୁ ଭୁଲିବାକୁ ହେବ । ବୈଜ୍ଞାନିକ ବିଶ୍ୱଜିତ୍‌କୁ ହଜାଇ ଖୋଜି ପାଇବାକୁ ହେବ କଳାକାର

Digitized by srujanika@gmail.com

ବିଶ୍ବଜଗତକୁ । ମୁଁ ଦୃଢ଼ସଙ୍କଳ୍ପ । ଏ ନଦୀକୂଳ ଏଥିନିମିତ୍ତ ଉପଯୁକ୍ତ । ଏ ମନୋରମ ନିର୍ଜନ ପ୍ରକୃତିର ମୋହିନୀ ରୂପ କାହିଁକି ମତେ ଭୁଲେଇ ପାରୁନି ?

"ବ୍ରଜନଟା କାହିଁ ତୋ ବେଶ ମୋହନ
ଯେ ବେଶେ ମୋହିଲୁ ତୁ ମୁନି ନନ୍ଦନ ।"

[ସେ ସବୁ (ଚୌକିଟି ବ୍ୟତୀତ) ଆସବାବ ଗୋଟାଇ ଅନ୍ୟତ୍ର ଛବି ଆଙ୍କିବା ନିମିତ୍ତ ପ୍ରସ୍ଥାନ କରନ୍ତି । ପ୍ରବେଶ କଲେ ଜଣେ ଯୁବକ ଓ ଜଣେ ଯୁବତୀ । ଉଭୟ ଅତ୍ୟାଧୁନିକ ବେଶରେ ଭୂଷିତ । ଅତି ସୁନ୍ଦର । ହାତରେ କିଛି ତାଙ୍କ ସଭ୍ୟତାର ଆସବାବ । ସେମାନେ ପିକ୍‌ନିକ୍ ଉଦ୍ଦେଶ୍ୟରେ ।]

ସ୍ତ୍ରୀ ଡିଅର୍ ! ଡିଅର୍ !

ଡିଅର୍ : କହ ।

ସ୍ତ୍ରୀ ଜାଗାଟାଏ ଦେଖ । ସୁବିଧା ଜାଗାଟାଏ । (ସେଠାରେ ଥିବା ଚୌକିରେ ବସନ୍ତି) ।

ଡିଅର୍ : ବାସ୍ । ଆସ୍ତ୍ରମ୍ । ଜାଗା ଦେଖା ଆପେ ଆପେ ହୋଇଯିବ । ଆଉ ସବୁ ବ୍ୟବସ୍ଥା ମଧ୍ୟ ।

ସ୍ତ୍ରୀ ତୁମ ଅଧିକ ଆଗ ଯାଉଛଅ ।

ଡିଅର୍ : ଶେଷ । ଏଇଟା ସବୁଠାରୁ ଉଚିତ୍ ଜାଗା । ଆସ, ଜାଗା ବିସ୍ତାର କର ।

ସ୍ତ୍ରୀ ତୁମ ହାତଟା ଆଗ ।

ଡିଅର୍ : (ଭରି ଆଖି ପକାଇ, ବ୍ୟାଗରୁ ବିଭିନ୍ନ ଜିନିଷ ପତ୍ର ବାହାର କରିଛିଅନ୍ତି ।) ତୁମ ପାଳି ବାକି, ବଫ୍ ।

ବଫ୍ : ହଉ । କିଛି ଖେଳ ହେଇଯାଉ ।

Digitized by srujanika@gmail.com

ଊଠ୍ : କି ଖେଳ । ସ୍ତ୍ରୀ ଆଉ ପୁରୁଷ ?

ବଫ୍ : ନା, ସେଟା ଅଣ୍ଡ ଆଦମ ଖେଳ, ଆଦମ । ଚେସ୍ ।

ଊଠ୍ : ଚେସ୍ ବି ପୁରୁଣା । ବୁଢା ।

ବଫ୍ : କିନ୍ତୁ ସ୍ତ୍ରୀ ପୁରୁଷ ଖେଳଠାରୁ ଯଥେଷ୍ଟ ଯୁବକ ।

ଊଠ୍ : ନା ଯୁବତୀ ।

ବଫ୍ : ଯୁବକ ।

ଊଠ୍ : ନା, ଯୁବତୀ-ଯୁବକ । ଆସ ଖେଳିବ ।

ବଫ୍ : କ'ଣ ?

ଊଠ୍ : ଚେସ୍ ।

ବଫ୍ : ଯୁବକ ? ବୁଢ ।

ଊଠ୍ ନା । ଯୁବକ-ଯୁବତୀ । ବୁଢ-ବୁଢା ।

ବଫ୍ : ଭୁଲ୍ ।

ଊଠ ଠିକ୍ ।

ବଫ୍ : ଭୁଲ୍ ।

ଊଠ୍ : ପ୍ରମାଣ କର ।

ବଫ୍ : ଯୁବକ, ବୁଢ, ପୁରୁଷ, ପୁରୁଷ, ପୁରୁଷ ପ୍ରଧାନ । ଖାଲି ପୁରୁଷ । ପୁରୁଷ ପ୍ରଧାନ ।

ଊଠ୍ : କାହିଁକି ? କପରି ?

ବଫ୍ ! ରଜା, ମନ୍ତ୍ରୀ, ରାଜରାଜୁଡ଼ା ଯିବାର ବହୁବର୍ଷପରେ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଚେସ୍ ବୋର୍ଡ଼ରୁ ଛୁଟି ନେଲେ ।

ଊଠ୍ ମନ୍ତ୍ର କ'ଣ ?

Digitized by srujanika@gmail.com

ବପ୍ : ମନ୍ଦ ନୁହେଁ । ଭଲ । କିନ୍ତୁ ପୁରୁଷ, ବୃଦ୍ଧ, ଯୁବକ, ଏମାନଙ୍କ ପ୍ରାଧାନ୍ୟ ଲୋପ ପାଇଲା ପରେ ମଧ୍ୟ ଚେଷ୍ଟରେ······

ଡଚ୍ : ଓ ଓ ! ସେମାନେ ଅଛନ୍ତି ତ ?

ବପ୍ : ଅଛନ୍ତି । ଆଉ······

ଡଚ୍ : ସ୍ତ୍ରୀ ଚରିତ୍ର ନାହିଁ । ଏଯ୍ୟା ତ ?

ବପ୍ : କାହିଁକି ?

ଡଚ୍ : କାହିଁକି ?

ବପ୍ : Male Chauvinism. ଅତୀତର ଭୂତ । ଅତୀତର ଛାଇ । ପୁରୁଷର ପ୍ରାଧାନ୍ୟ ଯିବାପରେ ବି ତାର ଭୂତ ଧରିରୁ ଯାଇନାହିଁ । ଭୂତ ବୁଲୁଛି ।

ଡଚ୍ : ନା, ତା' ନୁହେଁ ।

ବପ୍ : କ'ଣ ଆଉ ? ତା' ଛଡ଼ା ଆଉ କିଛି ନୁହେଁ ।

ଡଚ୍ : ନା, ଅନ୍ୟ କାରଣ ଅଛି ।

ବପ୍ : ଉପଯୁକ୍ତ କାରଣ ?

ଡଚ୍ : ଉପଯୁକ୍ତ କାରଣ ।

ବପ୍ : Male Chauvinism ନୁହେଁ ?

ଡଚ୍ : ନା ।

ବପ୍ : ପ୍ରମାଣ କରିପାରିବ ?

ଡଚ୍ : ହଁ ।

ବପ୍ : ନ ପାରିଲେ ?

ଡଚ୍ : ବେଟ୍ ।

ବପ୍ : ବେଟ୍ ।

Digitized by srujanika@gmail.com

ଓଃଟ୍ : ହେଲା ?

ବଫ୍ : ହାରିଲେ ?

ଓଃଟ୍ : ଦଣ୍ଡିତ ହେବ ।

ବଫ୍ : ଦଣ୍ଡ ଦେବ । ଶାସ୍ତି । O. K. ?

ଓଃଟ୍ : O K.

ବଫ୍ : କୁହ ।

ଓଃଟ୍ : ଖେଳ ମାନେ ଲଢେ଼ଇ । ଯୁଦ୍ଧ । O. K. ?

ବଫ୍ : O. K.

ଓଃଟ୍ : ଲଢେ଼ଇରେ ବିଶେଷକରି ଯୁଦ୍ଧରେ······

ବଫ୍ : ପୁରୁଷମାନେ ଯୋଗ ଦେଇଥାନ୍ତି ।

ଓଃଟ୍ : ହଁ ।

ବଫ୍ : ଆଉ ସ୍ତ୍ରୀ ଜାତିଟା ଲଢେ଼ଇ କରି ପାରିବ ନାହିଁ । ତାଙ୍କର ହାତ ନାହିଁ । ଗୋଡ଼ ନାହିଁ । ମସ୍‌ଲସ୍ ନାହିଁ । ଆଉ ସର୍ବୋପରି ତା ମୁଣ୍ଡରେ ମସଲା ମଧ୍ୟ ନାହିଁ ।

ଓଃଟ୍ : ନା, ତା' ନୁହେଁ ।

ବଫ୍ : କ'ଣ ଆଉ ?

ଓଃଟ୍ : ସେତେବେଳେ ସ୍ତ୍ରୀମାନେ ଯୁଦ୍ଧରେ······

ବଫ୍ : ଯୋଗ ଦେଉଥିଲେ । ଦେଖ ଝାନ୍‌ସୀର ରାଣୀ । ଫ୍ରାନ୍‌ସର ଯୋଆନ ଅଫ ଆର୍କ । ଅହଲ୍ୟାବାୟୀ । ତା ସତ୍ତ୍ୱେ······

ଓଃଟ୍ : ମାନେ (ସବୁ ବୁଦ୍ଧି ହରାଇ), ମାନେ···

ବଫ୍ : ମାନେ, ବେଟ୍ ହାରିଲା ଦଣ୍ଡ ଭୋଗିବାକୁ ହେବ ।

Digitized by srujanika@gmail.com

ଡଟ୍ : ଦଣ୍ଡ ! ବେଟ୍ !

ବଫ୍ : ହଁ, ବେଟ୍ ।

ଡଟ୍ : O. K.

ବଫ୍ : (ନିଜକୁ କମାଣ୍ଡର୍ ମନେକରି) ଆଟେନ୍‌ସନ୍ । ଚେସ୍ ବୋର୍ଡ ଧର । ଲେଫ୍‌ଟ, ରାଇଟ୍, ଲେଫ୍‌ଟ, ରାଇଟ୍.......... ମାର୍ଚ୍ଚ, ଷ୍ଟପ୍ । ଚେସ୍ ବୋର୍ଡ ବିସର୍ଜନ । (ଡଟ୍ ଚେସ୍ ବୋର୍ଡ ନିମ୍ନରେ ବିସର୍ଜନ କରନ୍ତି ।) ଏବାଉଟ ଟର୍ନ । ଲେଫ୍‌ଟ, ରାଇଟ୍, ଲେଫ୍‌ଟ, ରାଇଟ୍........ମାର୍ଚ୍ଚ ଷ୍ଟପ୍ । ଉଭୟେ ଉଭୟଙ୍କୁ ସାଲ୍ୟୁଟ କରୁଥିବା ସମୟରେ ପ୍ରବେଶ କରନ୍ତି ଫ୍ଲାଇଟ୍ ଇଞ୍ଜିନିଅର୍ ସେପ୍ ଅତ୍ୟାଧୁନିକ ବେଶରେ ଭୂଷିତ । ମୁଣ୍ଡରେ ହେଲମେଟ୍ । ସେଥିରେ ତିନୋଟି କାଚ ରିଫ୍ଲେକ୍ଟର୍ ଫିଟ୍ ହୋଇଛି । ସେଥିରୁ ଗୋଟିଏ ତାର ପକେଟ ଭିତରେ ପ୍ରବେଶ କରିଛି । ଗୋଟିଏ ପୁରୁଷ ଗୋଟିଏ ସ୍ତ୍ରୀକୁ ସାଲ୍ୟୁଟ୍ କରୁଥିବା ଦେଖି ନିଜର କର୍ତ୍ତବ୍ୟ ସ୍ଥିର କରି ନିଜର ପୁରୁଷ ପକ୍ଷରେ ରହି ସ୍ତ୍ରୀକୁ ସାଲୁଟ ମାରନ୍ତି । ତା ପରେ ତିନିହେଁ ହାତ ଧରାଧରି ହୋଇ ଆଗାନ୍ତି । ସେପ୍ ପକେଟରୁ କିଛି ଗୋଟାଏ ଯନ୍ତ୍ର କାଢ଼ନ୍ତି । ତା ଭିତରକୁ କହନ୍ତି ଓ ଦେଖନ୍ତି ।)

ସେପ୍ : ହାଲୋ, ସେପ୍ କହୁଛି । ହଁ । ମୁଁ, ନଗ ନମ୍ବର ୩୨୫ । ଦ-ଉ ୬୨୫, ପୂ-ପ ୮୧୫, ହଁ । ଓଭର୍ । ହଁ । ହଁ । ନା, ହଁ, (ଯନ୍ତ୍ର କାମ କରୁ ନଥିବାର ଦେଖି ହେଲ୍‌ମେଟ୍‌ଟି ଝଗରେ ରଖି ଦିଅନ୍ତି ।

ବଫ୍ : ସେପ୍ ?

CEP : C—Calcutta, E-5, P-16 = 516

BOF : B—Berhampur, O-15, F-6 = 156

DIT : D—Dhenkanal, I-9, T-20 = 920

Digitized by srujanika@gmail.com

ବଫ୍ : ପର୍ବଟା ସରଲା ।

ଡଚ୍ : ସାଲୁ'ଟ ମଦ୍ଧ ପର୍ବତ ?

ବଫ୍ : ନା, ପରିଚୟ ଦାନ ।

ସେପ୍ : ହଁ । ସାଲ୍ୟୁଟ୍ଟା...... ?

ବଫ୍ : ସେ ବେଟ୍ ହାରିଲେ । ଦଣ୍ଡ ।

ଡଚ୍ : ଅଭିଯୋଗ ।

ସେପ୍ : ତୁମ ଉପରେ ?

ଡଚ୍ : ତୁମ ଉପରେ ମଧ୍ୟ ।

ସେପ୍ : ମାନେ ?

ଡଚ୍ : ମୋ ଉପରେ । ତୁମ ଉପରେ । ପୁରୁଷ ଜାତି ଉପରେ ।

ସେପ୍ : ସ୍ତ୍ରୀ ଜାତି ଉପରେ ଅଭିଯୋଗ କରିବାର ସମୟ ଆସିଛି ।

ବଫ୍ ହଁ । କପରି ?

ସେପ୍ : କ'ଣ ଆଉ ନୁହଁ ? ପାର୍ଲିଆମେଣ୍ଟରେ, ମନ୍ତ୍ରୀମଣ୍ଡଳରେ, ଯୁଦ୍ଧ ବିଭାଗରେ ସବୁଠି । ସବୁଠି ତୁମ ସଂଖ୍ୟା ଆମଠାରୁ ଅଧିକ । ପୁଣି ଅଭିଯୋଗ

ବଫ୍ : ଚେସ୍‌ରେ ?

ସେପ୍ : ଓହୋ !

ବଫ୍ ନା, ଏତେ ସହଜରେ ଉଡ଼ାଇଦେବା କଥା ନୁହେଁ । କାହିଁକି ?

ସେପ୍ : କାରଣ କିଛି ନାହିଁ । ସେକାଳରେ ସ୍ତ୍ରୀମାନେ ବହୁ ସଂଖ୍ୟାରେ ଯୁଦ୍ଧରେ ଯୋଗ ଦେଉ ନଥିଲେ । ତାର କାରଣ ସେମାନେ ଦୁର୍ବଳ ବୋଲି ନୁହେଁ ।

ବଫ୍ ଆଉ କ'ଣ ?

ସେପ୍ : କାରଣ, ସ୍ତ୍ରୀ ମନୁଷ୍ୟ ଜାତିର ରକ୍ଷା ଓ ବୃଦ୍ଧି କରେ । ସେମାନଙ୍କ ସଂଖ୍ୟା ଉପରେ ମନୁଷ୍ୟ ଜାତିର ସ୍ଥିତି ନିର୍ଭର କରୁଥିଲା । ଗୋଟିଏ ସ୍ତ୍ରୀର ମୃତ୍ୟୁରେ ଗୋଟିଏ ପରିବାର ନଷ୍ଟ ।

Digitized by srujanika@gmail.com

ଯେତେ ସ୍ତ୍ରୀ ସେତେ ପରିବାର । ସେତେ ପାଞ୍ଚ ଜଣ, ସେତେ ଘର । କିନ୍ତୁ ଯେତେ ପୁରୁଷ ସେତେ ଜଣ ମାତ୍ର ।

ବଫ୍ : ପୁରୁଷ କ୍ଷୟରେ ଜଣକର କ୍ଷୟ । ଗୋଟିଏ ଜୀବନର କ୍ଷୟ । ସ୍ତ୍ରୀର କ୍ଷୟରେ ୫-୧୦ ଜଣଙ୍କର କ୍ଷୟ । ଏସ୍ପାତ ?

ଡଟ୍ ହିଁ ।

ବଫ୍ : କିନ୍ତୁ ବର୍ତ୍ତମାନ ସ୍ତ୍ରୀର କ୍ଷୟ ପୁରୁଷର କ୍ଷୟ ଉଭୟ ସମାନ । ଅର୍ଜୁନ ମଲେ ପାଞ୍ଚ । କର୍ଣ୍ଣ ମଲେ ପାଞ୍ଚ । କାରଣ ଆଜି ସାଧାରଣ ସ୍ତ୍ରୀ ବା ପୁରୁଷ ମନୁଷ୍ୟ ବଂଶରକ୍ଷାରେ ଆଦୌ ସାହାଯ୍ୟ କରୁନାହିଁ । ଶିଶୁ ଜାତିପ୍ତ · ଶିଶୁ ପ୍ରଜନନ କେନ୍ଦ୍ରରୁ ସୃଷ୍ଟି ହେଉଛନ୍ତି ।

ସେପ୍ : ସେଥିପାଇଁତ ବର୍ତ୍ତମାନ ଯୁଦ୍ଧରେ ଅଧା ସୈନ୍ୟ ସ୍ତ୍ରୀ ।

ବଫ୍ : ତେବେ ଖେଳରେ କାହିଁକି ନୋହିବ ? ଚେସ୍‌ରେ ?

ଡଟ୍ : ବିନା ଆପତ୍ତିରେ ହେବ । ଏଥର ପାର୍ଲିଆମେଣ୍ଟରେ ପାସ କରାଇ ନେଇ ବର୍ତ୍ତମାନ ପ୍ରଚଳିତ ବୋର୍ଡ଼ ବ୍ୟାନ୍ କରିଦେଲେ ଶେଷ ।

ବଫ୍ O.K.

(ଏତିକିବେଳେ ପ୍ରବେଶ କଲେ ମଶୁ (ମଣିଷ-ପଶୁ) ଯାହାକୁ ଏକବିଂଶ ଶତାବ୍ଦୀର ଲୋକ ଭାରବାହୀ ହିସାବରେ ବ୍ୟବହାର କରୁଥିବ । ବଣମଣିଷ ଓ ମଣିଷ ଔରସରୁ ଜାତ । ସେ ଅନେକ ଯନ୍ତ୍ର ଓ ଆସବାବ ବୋଝେଇ ହୋଇ ଆସି ସେଗୁଡ଼ିକୁ ତଳେ ରଖୁଥାଏ ।)

ସେପ୍ : ମଶୁ ! (ଯାଇ ତାକୁ ବନ୍ଧୁକ ଡ଼ଦାଟିଏ ଦିଅନ୍ତି । ଏତେଯାଏ କ'ଣ···ମଣିଷ ବାପ ମନେ ପଡ଼ିଗଲା କି ? ଘୁମାଉଥିଲୁ ?

ମଶୁ : ଓ୍ୱା ଓ୍ୱା, ଓ୍ୱା ଓ୍ୱା ।

ବଫ୍ : ଶୀଘ୍ର ଯା । ସେ ଜିନିଷଗୁଡ଼ାକ ଏଠି ଦରକାର ନାହିଁ । ଏଠି ଏମାନଙ୍କ ଜିନିଷପତ୍ର ଅଛି ।

ମଶୁ : (ପୁଣି ସବୁ ଲଦିହୋଇ ଫେରେ) ଓ୍ୱା ଓ୍ୱା, ଓ୍ୱା ଓ୍ୱା ।

Digitized by srujanika@gmail.com

ବଫ୍ : O. K. ପିକ୍‌ନିକ୍ ।

ଓଝ୍ : ଖାଦ୍ୟ ପାନୀୟ ।

ସେପ୍ : ବାଦ୍ୟ ନାଚ ।

ବଫ୍ : (ବୋତଲଟିଏ ବାହାର କରି) ପାନୀୟ ।

ସେପ୍ : (ଛଡ଼େଇ ନେଇ ।) ନା ନା, ରଖ, ଆସ ।

ବଫ୍ : କୁଆଡ଼େ ?

ସେପ୍ : ଏଠା ନୁହେଁ, Frenchy ଅଛି ।

ବଫ୍ : Frenchy ?

ଓଝ୍ : ଓଃ, ବଢ଼ିଆ ।

ସେପ୍ : ଲାଇଟ୍ ଲାଗିବ ।

ବଫ୍ : ଖୁବ୍ ଲାଇଟ୍ ।

ସେପ୍ : ହେଭି, ଜିନିଷ ହେଭି ।

ବଫ୍ : Feeling light. ଆଦୌ ହାଙ୍ଗଓଭର ରହିବ ନାହିଁ ।

ସେପ୍ : ଚାଲ, ଆଣିବା ।

ବଫ୍ : O. K. ଆସ ।

ସେମ୍ : ଏରୋଡ୍ରୋମ୍‌ରେ ଅଛି । Come on.

(ସେ ଦୁହେଁ ହାତ ଧରାଧରି ହୋଇ ଅଗେଇଲେ ।)

ଓଝ୍ : (ପେପରଟିଏ ଖୋଲି ପଢ଼ନ୍ତି ଉଚ୍ଚ ସ୍ୱରରେ ।)

ପୂର୍ବ ପଶ୍ଚିମ ଯୁଦ୍ଧରେ ପୂର୍ବପକ୍ଷ ଅଭୂତ ସଫଳତା ହାସଲ କରୁଛି । ଜାତୀୟ ଶିଶୁ ପ୍ରଜନନ କେନ୍ଦ୍ରର ଯୋଦ୍ଧାମାନଙ୍କ ଯୋଗମରୁ ଏ ସଫଳତା ସମ୍ଭବ ବୋଲି ବିଶେଷଜ୍ଞମାନଙ୍କର ମତ । ଏଣୁ ନୋବେଲ୍ ପୁରସ୍କାର ବିଜେତା ବୈଜ୍ଞାନିକ ମାଃ ବିଶ୍ୱଜିତଙ୍କୁ ଏ ଯୁଦ୍ଧର ପିତା ବୋଲି ବିବେଚନା କରାଯାଉଛି । ଦ୍ୱିତୀୟ ପୃଥିବୀ ମହାସମର ଜର୍ମାନୀର ତୈଳ ବଳରୁ ଉତ୍ପତ୍ତି ।

ଗ୍ରନ୍ଥାଗାର
Tulasi Memorial Library
JAGADEV ... Ramch.pur, JATNI
Accession No........ Date...

ଏ ମହାସମର ମୂଳକେନ୍ଦ୍ରର ବଶିଷ୍ଟ ବୈଜ୍ଞାନିକ, ଯୋଦ୍ଧା ଓ ଜାଣିପୁ ଶିଶୁ ପ୍ରଜନନ କେନ୍ଦ୍ରରୁ ସୃଷ୍ଟି ।

(ସେ ସିଗାରେଟ୍ ଲଗାନ୍ତି । ଚୌକିରେ ବସନ୍ତି । ଏତିକବେଳେ ପ୍ରବେଶ କରନ୍ତି ମଶୁ । ଡଟ୍ ସିଗାରେଟ୍ ଫିଙ୍ଗନ୍ତି । ମଶୁ ତାକୁ ଗୋଟେଇ ଟାଣେ ।)

ଡଟ୍ : ମଶୁ !

ମଶୁ ଓ୍ୱା ଓ୍ୱା । (ପ୍ରବେଶ କଲେ ସେପ୍ ଓ ବଫ୍)

ବଫ୍ ମଶୁ, ହେଲେ ! (ସେ ଯାଇ ତା' ହାତଧରି ଦୁଇଥର ନଚାନ୍ତି ।)

ମଶୁ ଓ୍ୱା ଓ୍ୱା ।

ସେପ୍ : ଆସ, ରେଡ଼ି ।

ଡଟ୍ O.K. (କଦଳୀ ଖାଇ ମଶୁ ଉପରକୁ ଫିଙ୍ଗନ୍ତି । ସେ ତାକୁ ଗୋଟାଇ ଖାଇ ଯାଏ ।)

ସେପ୍ : ଶୁଣ ।

ବଫ୍ : ଗପ ?

ଡଟ୍ : ଗୁଲ ?

ସେପ୍ : ନା ।

ବଫ୍ : ନା ଗୁଲ ଗପ ?

ଡଟ୍ : ଗପ ଗୁଲ ।

ସେପ୍ : ଗୋଟାଏ ବାକ୍ୟ ଶୁଣି ଖୁସି···ନା···ଆଶ୍ଚର୍ଯ୍ୟ···ନା···ଅବୁଝା ହେଲା ।

ବଫ୍ : ବାକ୍ୟଟି······

ସେପ୍ : Man is a social Animal.

ଡଟ୍ : Animal with a big 'A'. ଗୋଟାଏ ବଡ଼ 'A'.

ବଫ୍ : ମନୁଷ୍ୟ ଗୋଟିଏ ପଶୁ ।

Digitized by srujanika@gmail.com

ଓଝ୍ — ନା, ମନୁଷ୍ୟ ଗୋଟିଏ ସାମାଜିକ ପଶୁ ।

ସେପ୍ : ଉହୁଁ । ମନୁଷ୍ୟ ଗୋଟିଏ ସାମାଜିକ ପ୍ରାଣୀ ।

ବଫ୍ — ପଶୁ ପ୍ରାଣୀ ସମାନ ।

ସେପ୍ : ମନୁଷ୍ୟ-ପ୍ରାଣୀ ।

ଓଝ୍ — ମନୁଷ୍ୟ-ପଶୁ ।

ବଫ୍ — ମନୁଷ୍ୟ-ପଶୁ-ପ୍ରାଣୀ ।

ସେପ୍ : Man is a social Animal.

ବଫ୍ : ପଶୁ ? ଅସମ୍ଭବ ।

ଓଝ୍ : ହଁ ସମ୍ଭବ । ଡାରଉଇନ୍ କହନ୍ତି ମନୁଷ୍ୟ ମାଙ୍କଡ଼ର ନାତି ଣେନାତି ।

ବଫ୍ : ମଣିଷର ଭାରି ଆନନ୍ଦ । ସେ ଭାରି ଗର୍ବିତ ହେଉଥିଲା ବୋଧେ ।

ସେପ୍ : ଡାର୍ଉଇନ୍ ମାଙ୍କଡ଼ର ପୁଅ ।

ଓଝ୍ — ତା ଦେହଯାକ ଲୋମଥିବ ବୋଧେ ।

ବଫ୍ — ଲାଞ୍ଜ ବ ।

ସେପ୍ : ଲାଞ୍ଜ । ଲୋମ । ପଶୁ । ମଣିଷ । ପଶୁ । ପ୍ରାଣୀ ।

(ସମସ୍ତେ ହସି ତାଳି ମାରି ତାଙ୍କଙ୍କରେ ନାଚି ପକାନ୍ତି । ସେମାନଙ୍କର ପିଆ ଶେଷ ହୋଇଛି । ବୋତଲଟି ମଶୁ ଉପରକୁ ଫିଙ୍ଗି ଦିଅନ୍ତି । ସେ ତାକୁ ଧରିବାକୁ ଯାଇ ପଡ଼ି ଓ୍ୱା ଓ୍ୱା ଶବ୍ଦ କରି ଅବଶିଷ୍ଟାଂଶ ପିଇବାକୁ ଲାଗେ । ସେପ୍ ହେଲମେଟ ତାରଟି ଆଣି ଗୋଟିଏ ରେକର୍ଡ଼ରେ ଲଗାନ୍ତି । ଗୋଟିଏ ଇଂରାଜୀ ବାଜା ବାଜି ଉଠେ । ସଭିଏଁ ନାଚନ୍ତି । ମଶୁ ମଧ୍ୟ । କିଛି ସମୟ ପରେ ଗୀତ ନାଚ ଶେଷ ହୁଏ ।)

ସେପ୍ : ଓଝ୍ ! ଯିବା ।

ଓଝ୍ : କୁଆଡ଼େ ?

ସେପ୍ : ଟିକିଏ ସର୍ଭେ କରି ଆସିବା ।

Digitized by srujanika@gmail.com

ଡିଙ୍କ୍   ନାଁ ।

ସେମ୍ :   ସବୁ ପରେ ଜଣାଯିବ ।

ଡିଙ୍କ୍   କେଉଁ ଯାଏ ?

ସେପ୍ :   ଅଳ୍ପ ବାଟ । ଅଳ୍ପ କିଛି ।

ଡିଙ୍କ୍   O.K. ଚୁଲ । (ସେମାନେ ଯା'ନ୍ତି । ବଫ୍ ମଗୁ ନିକଟକୁ ଯାନ୍ତି ।)

ବଫ୍   ମଗୁ ! Darling.

ମଗୁ :   ଓ୍ୱା ଓ୍ୱା, ଓ୍ୱା ଓ୍ୱା (ଲଜ୍ଜ୍ୟା ବୋଧକରି ।)

ବଫ୍ :   ଆସ । ହୁଁ । ଧର । ହାତ ଧର । ହୁଁ ।
(ମଗୁ ହାତଧରି କଣ କରିବ ଜାଣି ନପାରି)

ବଫ୍ :   ପାଦ ପକା । ପାଖକୁ ଆସ । (ତା ମୁହଁରେ ହାତମାରି ବଫ୍ ହମେ ନାଚିବାକୁ ଆରମ୍ଭ କରନ୍ତି । ରେକର୍ଡ଼ରୁ ଗୋଟାଏ ତାଳ-ବିହୀନ ବାଜା ବାଜୁଥାଏ । ନାଚଟି ଗୋଟିଏ ଆଂମାରସ୍ ନାଚ । ଉଭୟେ ବେଦମ୍ ହୁଅନ୍ତି । ମଗୁ ମଝିରେ ମଝିରେ 'ଓ୍ୱା ଓ୍ୱା' ଶବ୍ଦ ଉଚ୍ଚାରଣ କରୁଥାଏ । ନାଚ ଶେଷରେ ଉଭୟେ ପରସ୍ପରଠାରୁ ଦୂରେଇ ଯା'ନ୍ତି । ପ୍ରବେଶ କରନ୍ତି ଡିଙ୍କ୍ ଏବଂ ସେପ୍ ।)

ଡିଙ୍କ୍ :   ଯିବା ?

ସେପ୍ :   ମୋର ଟିକିଏ କାମ ଅଛି । (ସେ ପକେଟରୁ ମେସିନ୍ଟି କାଢ଼ି ଦେଖି ହସି ହସି କିଛି କହନ୍ତେ ବଫ୍ ତାଙ୍କ ହାତରୁ ଛଡ଼ାଇ ନେଇ କୁହନ୍ତି ।)

ବଫ୍ :   ହାଲୋ, Cup ! ଆଚ୍ଛା । ଆଚ୍ଛା । ଓଃ । ତୁମେ ଖୁବ୍ ହାଣ୍ଡସମ୍ । ଆସିଲନି ? ମଜା ହୋଇଥାନ୍ତା । O.K., ସମସ୍ତ ଦେଖି ଆସ । ଆଡଉ । ଓଭର ।

ଘେପ୍ :   (ଯନ୍ତ୍ରଆଣି ତା ଭିତରକୁ କୁହନ୍ତି ।) ହାଲୋ, Cup ! ଶୁଣ । ହଁ । ଜମିଲା । ହଉ । ହଁ । ମୁଁ ଏଠାକାମ ଶେଷ କରି ସାରିଛି ।

Digitized by srujanika@gmail.com

ନମ୍ବ, ହଁ । ତନଭାଗ ହେବ । ଉପରଭାଗ ଜଳରେ ଆଚ୍ଛନ୍ନ ।
ଝଟ୍, ବାଲ୍ଟି ଭଲ ହେବ । ହଁ ।...ନା ।...ହଁ ।

ମଧ୍ୟଭାଗ ? ଏଠାରେ ଭୂସମାନ ମିଲଟାରି ଟେଣ୍ଟମାନ ରଖିବାର ଖୁବ୍ ସୁବିଧା ଅଛି । ଏଠାରେ ପ୍ରାୟ ୧୦୦୦୦୦ ଯୋଦ୍ଧା ରହିବେ ଏବଂ ୩୦୦୦୦ ମଶୁ ରହିବେ । ହଁ...ନା, ହଁ । ସେମାନଙ୍କ ନିକଟବର୍ତ୍ତୀ ପର୍ବତରେ Training ର ବ୍ୟବସ୍ଥା ହୋଇପାରିବ ।

ତଳଭାଗ ? ସେଟା ଭୃଗୁପ୍ତ ସ୍ତର । ସେଠାରେ ମଗସା ଗୃଷ ହେବେ । ହଁ । ଯଥେଷ୍ଟ କ୍ଷେପଣାସ୍ତ୍ର ନେଇ ନମ୍ଭମୁହାଣ ଦେଇ ସମୁଦ୍ରକୁ ପ୍ରବେଶ କରିବାର ସବୁ ବନ୍ଦୋବସ୍ତ କରାଯାଇ-ପାରିବ । ହଁ । ସାକୁଚ ଓ ମଗର ଔରସରୁ ।

ହଁ । ହଁ । O. K. ମୁଁ ଦଶ ମିନିଟ୍ ଭିତରେ ଯାଉଛି । ଆଉଟ୍ ।

ଡଟ୍ : Feel store ରୁ ଦୁଇଟି ଟେପ୍ ଲଗାଇ ଦେଖିବା ।

ବଫ୍ : ମୋର ଗୋଟାଏ ଟେପ୍ ଅଛି ।

ସେପ୍ : ମୋର ବି ।

ବଫ୍ କ'ଣ ?

ସେପ୍ : ଚନ୍ଦ୍ରକୁ ଯିବା ବେଳରେ Artificial Gravitation ଯନ୍ତ୍ରଟା ଷ୍ଟେସସିପରୁ ଖରାପ ହେଲା ବେଳର ଅନୁଭୂତି ।

ଡଟ୍ କେତେ ପୁରୁଣା ଅନୁଭୂତି ?

ସେପ୍ : ଏଇ ଦୁଇମାସ ତଳର ।

ବଫ୍ : ମୋର ।

ସେପ୍ : କେଉଁ ଅନୁଭୂତିର ?

ବଫ୍ : ଟେନିଂର ।

ଡଟ୍ କ ଟେନିଂ ?

Tulasi Memorial Library
ADEB House, Ramchandrapur, JATNI.
No.............. Date..........

ବଫ୍ : Military.

ସେପ୍ : ଆଚ୍ଛା । ଥରେ ଲଗାଇ ଦେଖିବା ।

ବଫ୍ : ତୁମର ଆଗ ।

ସେପ୍ : ନା ତୁମର ।

ବଫ୍ : ନା ତୁମର । (ରୁକ୍ଷ ଗଳାରେ)

ସେପ୍ : ମୋର ? ହଁ, ପଛ ।

ବଫ୍ : ନା, ଆଗ ।

ସେପ୍ : ପଛ ।

ବଫ୍ : ଆଗ (ରୁକ୍ଷ ଗଳାରେ)

ସେପ୍ : ଠିକ୍ ଅଛି ।

(ସେ ମୁଣ୍ଡରେ ଗୋଟାଏ ଯନ୍ତ୍ର ଲଗାନ୍ତି । ସେଥିରୁ ଗୋଟିଏ ତାର ହେଲ୍‌ମେଟକୁ ଯୋଡ଼ିବା ପରେ ସେ ଚାଲିବାକୁ ଆରମ୍ଭ କରନ୍ତି । ପାଦସବୁ ବହୁ ଉଚ୍ଚକୁ ଉଠି ହାଲୁକା ହାଲୁକା ହୋଇପଡ଼େ । କିଛି ଗୋଟାଏ ଭିତରର କୋଳାହଳ ଶୁଣାଯାଏ ଟେପ୍ ମଧ୍ୟରୁ । "ଓଃ ! ଗ୍ରାଭିଟେସନ୍ ମେସିନ୍ ଖରାପ । ପଳାଅ । ଜଲ୍‌ଦି । ପଳାଅ। ଦେଖ ।"—ଏଭଳି ଶୁଣାଯାଏ । ସେ ପୁଣି କିଛି ଖାଇବାକୁ ଗଲାବେଳେ ତାହା ଉପରକୁ ଖସି ପଳାଏ । ସେ ଇତସ୍ତତ ହୁଅନ୍ତି । ଗୋଡ଼ରୁ ଚପଲଟି ଖସିଯାଏ । ତାହା ମଧ୍ୟ ଉପରକୁ ଉଡ଼ିଚାଲେ । ଯନ୍ତ୍ରଟିରୁ ଟେପ୍ ଶେଷ ହୁଏ । ସେ ସ୍ଥିର ହୁଅନ୍ତି ।)

ବଫ୍ : ଓଃ ! Wonderful.

ଡଟ୍ : ମୁଁ ଥରେ ଠିକ୍ ଏହି ଦଶା ଭୋଗିଥିଲି ।

ସେପ୍ : ରେକର୍ଡ଼ ଅଛି ?

ଡଟ୍ : ଆମେ ରେକର୍ଡ଼ କରିପାରି ନଥିଲୁ ।

ବଫ୍ : ତୁମେ ଶୋଇଥିଲ ବୋଧେ ।

Digitized by srujanika@gmail.com

ଓଡ୍ : ଯନ୍ତ୍ର ହଠାତ୍ ସଜାଇ ଦେଲୁ ।

ସେପ୍ : ତୁମ ଟେପ୍ ଟା ଲଗାଅ ଦେଖିବା ।

ବଫ୍ : O. K.

(ସେ ମୁଣ୍ଡରେ ସେଭଳି କିଛି ଗୋଟାଏ ଟେପ୍ ଲଗାନ୍ତି । ହେଲମେଟ୍‌କୁ ତାହା ସଂଯୋଗ କରାଯାଏ । ସୁଇଚ୍ ଦେବାପରେ ସେ ବନ୍ଧୁକ ଧରିଲାଭଳି ମାର୍ଚ୍ଚ କରିବାକୁ ଲାଗନ୍ତି । ଦୁଇ ତିନିଥର ବ୍ୟାକ୍‌ଟର୍ଣ୍ଣ କରିବା ପରେ ଗଛ ନିକଟକୁ ଯାଇ ତଳେ ଶୋଇଯାଇ (charge, charge ଶବ୍ଦ ଶୁଣାଯାଏ) ବନ୍ଧୁକ ମଣ୍ଟୁ ଆଡ଼କୁ ଦେଖାଇ ୩।୪ ରାଉଣ୍ଡ ଗୁଳି ମାରନ୍ତି । ସେ ମିଛ ଗୁଳି ମଣ୍ଟୁର ବାମ ଡାହାଣରେ ଗଳିଯାଏ । ଶବ୍ଦ ଶୁଣି ମଣ୍ଟୁ ଏପଟ ସେପଟ ଚମକି ଉଠୁଥାଏ । 'ଗ୍ରନ୍ଜ ଓଭର୍' ଶବ୍ଦ ଶୁଣାଯାଏ । ଟେପ୍‌ଟି ଶେଷ । ବଫ୍ ପ୍ରକୃତିସ୍ଥ ହୁଅନ୍ତି ।)

ଓଡ୍ : Wonderful.

ସେପ୍ : ତୁମେ ବର୍ତ୍ତମାନ କଣ କରୁଛ ?

ବଫ୍ : ମୁଁ ବର୍ତ୍ତମାନ ୪ଟି ଜାଗାରେ ନିଯୁକ୍ତ ।

ଓଡ୍ : ମୋର ମଧ୍ୟ ଗୃହ ।

ସେପ୍ : ମୋର ଗୋଟିଏ ଫୁଲଟାଇମ୍ ।

ବଫ୍ : ମୋର ସବୁ ଦୁଇଘଣ୍ଟିଆ ।

ଓଡ୍ : ମୋର ବି ।

ବଫ୍ : ମୋର କାର୍ଯ୍ୟସ୍ଥଳି ପ୍ରତ୍ୟେକ ପ୍ରତ୍ୟେକଠାରୁ ୨.୦୦ କିଲୋମିଟର ଦୂରରେ ଅବସ୍ଥିତ । କିନ୍ତୁ ଏଇଟା ମୋର ହେଡ୍‌କ୍ୱାର୍ଟର୍ସ୍ ।

ଓଡ୍ ମୋର ବି ।

ସେପ୍ : ବହୁତ ବିରକ୍ତିକର । ଜାଗାକୁ ଜାଗା ।

ବଫ୍ : ଆମୋଦପ୍ରଦ ।

ସେପ୍ : ମାନେ ।

Digitized by srujanika@gmail.com

ବଫ୍ : ଜାଗାକୁ ଜାଗା ।

ସେପ୍ : ଜାଗାକୁ ଜାଗା । ସବୁଦିନ । ଆମୋଦପ୍ରଦ ?

ବଫ୍ : ସେହି କାମ ସେହି ଜାଗାରେ ବିରକ୍ତକର ।

ସେପ୍ : ମାନେ ମୋ କାମ ବିରକ୍ତକର ?

ବଫ୍ : ମୋ କାମ ବିରକ୍ତକର ?

ସେପ୍ : ତୁମ କାମ ଅସ୍ଥିର । ବିରକ୍ତକର ।

ବଫ୍ : ତୁମର ସେଇ କାମ, ସେଇ ଜାଗା, ବିରକ୍ତକର ।

ସେପ୍ : ତୁମର ।

ବଫ୍ : ତୁମର ।

ସେପ୍ : ନା (ଉଚ୍ଚ କଣ୍ଠରେ)

ବଫ୍ : ହଁା (ଉଚ୍ଚତର କଣ୍ଠରେ ।)

ଡକ୍ଟ୍ : ନା, ହଁ । ହଁ, ନା । ଠିକ୍ ହେଲା । ଷ୍ଟପ୍ ।

ବଫ୍ O. K. Stop.

ସେପ୍ : O K. Stop (ଯିବାକୁ ପ୍ରସ୍ତୁତ ହୁଅନ୍ତି ।)

ବଫ୍ : ବନ୍ଧୁକଟା ନୂଆ ବୋଧେ ?

ସେପ୍ : ହଁ ।

ବଫ୍ : ଭାରି ସୁଟ୍ ହୋଇଥିବ ।

ସେପ୍ : ପରୀକ୍ଷା କରି ଦେଖ ।

ବଫ୍ : କାହା ଉପରେ ?

ସେପ୍ : ମଣ୍ଟୁ । (ମଣ୍ଟୁ ଉପ୍ସରେ ଅଣି ଉଠେ)

ବଫ : ସେ ମଲେ ?

ସେପ୍ : ମରୁ ।

ମଣ୍ଟୁ : ଓ୍ୱା ଓ୍ୱା, ଓ୍ୱା ଓ୍ୱା ।

ଡକ୍ଟ୍ : ସେଟା ଉଦ୍ଧତ ।

Digitized by srujanika@gmail.com

ସେପ୍ : ଅବାଧ ।
ବଫ୍ : ଅପାରଗ ।
ସେପ୍ : ଉଦାସ ।
ବଫ୍ : ଖିନ୍ନ ।
ସେପ୍ : ଯୁଦ୍ଧକୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ।
ଓଠ୍ : ଏମାନଙ୍କୁ........
ସେପ୍ : ମାରି ଦିଆଯାଏ ।
ବଫ୍ : ମାରି ?
ସେପ୍ : ତାଙ୍କ ମାଂସ ଅନ୍ୟ ମଣୁମାନଙ୍କୁ ଖାଇବାକୁ ଦିଆଯାଏ ।
ଓଠ୍ : ଖା'ନ୍ତି ?
ସେପ୍ : ଆନନ୍ଦରେ ।
ବଫ୍ : ପରୀକ୍ଷା ପ୍ରାର୍ଥନୀୟ ?
ଓଠ୍ : ପରୀକ୍ଷା ପ୍ରାର୍ଥନୀୟ ।

(ବଫ୍ ବନ୍ଧୁକ ଲକ୍ଷ୍ୟ କରି ମଣୁକୁ ମାରନ୍ତି । ମଣୁ ରଡ଼ି ବୋବାଳି ପକାଇ ତଳେ ପଡ଼ି ଓ୍ୱା ଓ୍ୱା ହୋଇପଡ଼େ ।)

ସେପ୍ : ଆଉଉ ।
ବଫ୍ : ମୁଁ ଯିବି ।
ସେପ୍ : ଉଏଲ୍‌କମ୍ ।
ଓଠ୍ : ନୋ ।
ବଫ୍ : ହଁ ।
ଓଠ୍ : କାହିଁକି ? କୁଆଡ଼େ ?
ବଫ୍ : ସେପ୍‌କୁ ଛାଡ଼ି ଆସିବି ।
ଓଠ୍ : ନା ।

Digitized by srujanika@gmail.com

ସେପ୍ : ହଁ (ଉଚ୍ଚ କଣ୍ଠରେ)

ଉଝ୍ : ନା, ନା, ନା ।

ସେପ୍ : ହଁ । ହଁ । ହଁ ।

(ଉଭୟେ ହସ୍ତାହସ୍ତି ହୋଇ ଉଠନ୍ତି । ଖୁବ୍ ଜୋର୍ । ବଫ୍ ନଖ ଘଷୁଥାଏ । ଉଝ୍ ତଳେ ପଡ଼ି ଆଘାତ ପାଇ ଉଠେ । ସେପ୍ ଜୟରେ ଉଲ୍ଲସିତ ।)

ସେପ୍ : You fathered-boy.

ଉଝ୍ (ଖୁବ୍ ଆଘାତ ପାଇ) ନା, ନା । ମୁଁ ତାଙ୍କର ପୁଅ ନୁହେଁ । ମୁଁ ବାବୁଆ ପିଲ ନୁହେଁ । ମୁଁ କାହାର ପୁଅ ନୁହେଁ । ମୁଁ ତାଙ୍କର ପାଳିତ ପୁତ୍ର ।

ସେପ୍ : ତା'ହେଲେ ଅର୍ଦ୍ଧ ବାବୁଆ । Semi-fathered boy.

ବଫ୍ : ଯୁଦ୍ଧ ?

ସେପ୍ ! ନା ପ୍ରେମ ।

ବଫ୍ ପ୍ରେମ ନା ଯୁଦ୍ଧ ?

ଉଝ୍ ପ୍ରେମଯୁଦ୍ଧ ।

ବଫ୍ : ନା ପ୍ରେମପାଇଁ ଯୁଦ୍ଧ ।

ସେପ୍ : ତୁମ ପାଇଁ ଯୁଦ୍ଧ । ପ୍ରେମ ପାଇଁ ଯୁଦ୍ଧ ।

ଉଝ୍ ତୁମ ପାଇଁ । ପ୍ରେମ ପାଇଁ ।

ବଫ : ମୁଁ ଉଁ ମୁଁ । ମୋପାଇଁ ତୁମେ ଯୁଦ୍ଧ........

ଉଝ୍ : ହଁ । ତୁମେ ।

ବଫ୍ : ତୁମର ହାତବନ୍ଧା ଘଡ଼ି ନୁହେଁ ।

ସେପ୍ : ଗୃହପାଳିତ ପଶୁ ନୁହେଁ ।

ବଫ୍ : ତୁମ ଗ୍ୟାରେଜର, ଏରୋପ୍ଲେନ୍ ନୁହେଁ । କାର ନୁହେଁ ।

ସେପ୍ : ତୁମ ଘରେ ଖଞ୍ଜାଥିବା ଶୀତତାପ ଯନ୍ତ୍ର ନୁହେଁ ।

ଉଝ୍ : ତୁମେ......ମୁଁ ।

Digitized by srujanika@gmail.com

ବଫ୍ ତୁମେ ତୁମେ । ମୁଁ ମୁଁ ।

ସେପ୍ : ତୁମେ ମୁଁ ନୁହେଁ । ମୁଁ ତୁମେ ନୁହଁ । ତୁମେ ତୁମେ । ମୁଁ ମୁଁ ।

ବଫ୍ : ବୁଝିଲ ବୋଧେ । ମୁଁ ମୋର । ମୁଁ ଯାହାକୁ ଗୃହିଁବ ।

ଓଡ଼୍ ମୋତେ ଗୃହିଁବ ।

ସେପ୍ : ମୋତେ ।

ବଫ୍ ତୁମକୁ (ଓଡ଼୍‌କୁ) । ତୁମକୁ (ସେପ୍‌କୁ) । ଉଭୟଙ୍କୁ (ଉଭୟଙ୍କୁ ଦେଖାଇ) ।

ସେପ୍ : ମାନେ··· ?

ଓଡ଼୍ : ମାନେ ··· ?

ବଫ୍ ତୁମକୁ । ତାଙ୍କୁ । ଉଭୟଙ୍କୁ । ଯେତେବେଳେ ଯାହାକୁ । :

ସେପ୍ : ବର୍ତ୍ତମାନ ?

ଓଡ଼୍ : ବର୍ତ୍ତମାନ ?

ବଫ୍ : ତୁମକୁ (ସେପ୍‌କୁ ଦେଖାଇ)

ଓଡ଼୍ : ମୁଁ ?

ସେପ୍ : ପରେ ।

ବଫ୍ : ଏହାପରେ ।

ଓଡ଼୍ : O.K., ଆଉଓ ।

(ସେପ୍, ବଫ୍ ହାତ ଧରାଧରି ହୋଇ ଆଗାନ୍ତ । ମଞ୍ଚକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି ।)

ଓଡ଼୍ : ମଞ୍ଚଟିକୁ ········· (ଯାଇ ତାଙ୍କୁ କଫାକୁ ଗଡ଼ାଇ ଦିଅନ୍ତି । ସିଗାରେଟ୍ ଲଗାଇ ଈର୍ଷାଜର୍ଜରିତ ହୋଇ ଚୌକିରେ ବସନ୍ତି । ପ୍ରବେଶ କଲେ ମି: ରାୟ୍ଙ୍କ । ବୃଦ୍ଧ ହାତରେ ଗୋଟିଏ ମୂଳ ଚକ୍ଷା ଶାବେଳୀ ।)

ମି: ରାୟ୍ : ବାପା ! ତୁମେ ଏଠି କେତେବେଳୁ ?

Digitized by srujanika@gmail.com

ଡଠ୍   ମି. ଗୁପ୍ତ ! ସେ ସୁଆଗ ଡାକଟା ବନ୍ଦ କର । ତୁମକୁ ସ.ସ୍ର- ବାର କହି ଆସିଛି । ମତେ ସେ ପାରମ୍ପରିକ ବନ୍ଧନ-ଜଡ଼ିତ ଢଙ୍ଗରେ ସମ୍ବୋଧନ ନ କରିବାକୁ ।

ମି: ଗୁପ୍ତ : ସେଥିରେ କିଛି କ୍ଷତି ହୋଇଯାଉନାହିଁ ତ ବାପ ।

ଡିଠ୍   କ୍ଷତି ଲଭ କଥା ମୁଁ ଜାଣେ । ତୁମେ ନୁହେଁ । ମୁଁ ସମାଜ ଆଗରେ ମୁଣ୍ଡ ଟେକି ଚାଲିପାରୁ ନାହିଁ ।

ମି: ଗୁପ୍ତ : ମୁଁ 'ବାବୁ' 'ବାପ' ସମ୍ବୋଧନ କରିବାରୁ……

ଡଠ୍ : ହଁ । ହଁ । ସେଇ ସମ୍ବୋଧନ ଏବଂ ତୁମର ଅନ୍ୟ ବ୍ୟବହାର । ସେ ବ୍ୟବହାରରେ ମୁଁ ବାନ୍ଧି ହୋଇଗଲା ଭଳି ଲାଗୁଛି । ମୋତେ ଉଦବେଇଦଉଛି ଭଳି ଲାଗୁଛି ।

ମି: ଗୁପ୍ତ : ଶ୍ରଦ୍ଧାରେ, ପ୍ରେମରେ, ସ୍ନେହରେ ସମ୍ବୋଧନ କଲେ ।…… ବ୍ୟବହାର ଦେଖାଇଲେ……

ଡଠ୍   ନା । ତା' ନୁହେଁ । ତା ତୁମ ପାଇଁ ଶ୍ରଦ୍ଧା ଆଉ ସେଗୁଡ଼ାକ କ'ଣ କ'ଣ ହୋଇପାରେ । କିନ୍ତୁ ମୁଁ ସେଥିପାଇଁ ଲଜ୍ଜିତ । ମୋତେ ବହୁ ଦଶା ଓ କଷ୍ଟ ସହିବାକୁ ପଡ଼ୁଛି ।

ମି: ଗୁପ୍ତ : ବୁଝିପାରୁନି ବାପ !

ଡଠ୍   ବିଂଶ ଶତାବ୍ଦୀ ମସ୍ତିଷ୍କ ମୁଣ୍ଡାଇ ବୁଝିବା ସମ୍ଭବ ନୁହେଁ । ନିଜକୁ ଆଜିର ପରିସ୍ଥିତିରେ ରଖି ଚିନ୍ତାକର । ତୁମେ ଏତେ ନିକଟେଇ ଦେବାର ଚେଷ୍ଟା କରୁଛ ଯେ, ମୋତେ ସମସ୍ତେ ତୁମର ଜନ୍ମକଲା ପୁଅ ବୋଲି ଭାବୁଛନ୍ତି ।

ମି: ଗୁପ୍ତ : ଓଃ । ସ୍ଥା. ଶୁଣି ଆତ୍ମସନ୍ତୋଷ ଲଭ କଲି ବାବୁ ।

ଡଠ୍   ପୁଣି ସେ ସମ୍ବୋଧନ ? ନା ମୁଁ ତା' ଶୁଣିହୁଁ ନାହିଁ । ମୁଁ ଗୃହହତ, ଠିକ୍ ତା'ର ବିପରୀତ । ମୋତେ ସଭିଏଁ ବାବୁଆ ପିଲା ବୋଲି ଚଳାଉଛନ୍ତି । ମୁଁ ସେଥିପାଇଁ ଲଜ୍ଜିତ । ମୁଁ କାହାର ପୁଅ ହେବାକୁ ପ୍ରସ୍ତୁତ ନୁହେଁ । ମୁଁ କାହାକୁ ବାପା ଡାକିବାକୁ ପ୍ରସ୍ତୁତ ନୁହେଁ ।

Digitized by srujanika@gmail.com

ମି: ଗୁପ୍ତ : ବାପ ଥିବା……

ଉତ୍ : ବାପ ଥିବା ପାପ । ଭଲ । ଅସାମାଜିକତା । ଆଉ ସର୍ବୋପରି ନୀଚତା । ଯାର ବାପ ଅଛି ଏ ସମାଜ ତାକୁ ନୀଚ ଦୃଷ୍ଟିରେ ଦେଖେ । ଏକଥା ଯେ ତୁମକୁ ଅଜଣା ତା' ନୁହେଁ ।

ମି: ଗୁପ୍ତ : ଜାଣେ । କିନ୍ତୁ ଅଭ୍ୟାସ ବଶତଃ……କିନ୍ତୁ ପରପୁଅକୁ ନିଜର କରିବା କ'ଣ ଭୁଲ ? ସମସ୍ତ ଥିଲି ଲୋକ ପର ପାଇଁ ପ୍ରାଣବଳୀ ଦେଉଥିଲେ । ପରକୁ ଆଶ୍ରୟ ଦେବା କ୍ଷତ୍ରିୟର ଧର୍ମ ଥିଲା । ଲୋକେ ସ୍ୱାର୍ଥ ଜଳାଞ୍ଜଳି ଦେଇ ପରିବାରର ଅନ୍ୟମାନଙ୍କ ନିମିତ୍ତ, ଦେଶ ନିମିତ୍ତ ଆତ୍ମବଳୀ ଦେଉଥିଲେ ।

ଉତ୍ : ଅତୀତକୁ ଭୁଲିବାକୁ ଚେଷ୍ଟା କର । ବ୍ୟବହାର ଶିଖ ।

ମି: ଗୁପ୍ତ : ବର୍ତ୍ତମାନ ସବୁ ନିଜ ନିଜ ଚିନ୍ତାରେ । ହଁ । ଆଉ ଦେଶ ଚିନ୍ତାରେ । ଦେଶପାଇଁ ଲଢ଼େଇ, ଯୁଦ୍ଧ କିନ୍ତୁ ପରିବାର, ପୁଅ, ମା, ଝିଅ, ବନ୍ଧୁ, ସ୍ୱାମୀ…… ସେ ସବୁ ଉଭେଇ ଯାଇଛି ।

ଉତ୍ : ସେଗୁଡ଼ାକ କ'ଣ ବକୁଛ ?

ମି: ଗୁପ୍ତ : ନା, କହୁଥିଲି ପରପୁଅକୁ ନିଜର କରିବା କ'ଣ ପାପ ?

ଉତ୍ : ପାପ ପୁଣ୍ୟ କଥା ପଡ଼ନି । ପୁଅଝିଅ କଥା ପଡ଼ନି । ନିଜ ପର କଥା ପଡ଼ନି । ମି: ଗୁପ୍ତ ! ପର ନିଜ, ପୁଅ ଝିଅ, ପାପ ପୁଣ୍ୟ ସେ ସବୁର ଅର୍ଥ ମୁଁ ବୁଝୁନି ।

ମି: ଗୁପ୍ତ : ବାପ !

ଉତ୍ : ନା । ସେ ସମ୍ବୋଧନ ସଂଶୋଧନ କର ।

ମି: ଗୁପ୍ତ । କୌଣସି ବୟୋବୃଦ୍ଧ ତମକୁ ବାତ୍ସଲ୍ୟମମତା ଦେଖାଇଲେ…

ଉତ୍ : ହଁ ମୁଁ ଲଜ୍ଜିତ ହେବି । ଘୃଣିତ ହେବି । ବର୍ତ୍ତମାନ ସମାଜ ମୋତେ ଅସ୍ୱୀକାର କରିବ । ବାବୁଆ ପୁଅ ବୋଲି ତାଚ୍ଛଲ୍ୟ କରିବ ।

ମି: ଗୁପ୍ତ : ବୁଝିବାକୁ………

Digitized by srujanika@gmail.com

ଉର୍ : ବୁଝିବାକୁ କଷ୍ଟ ହେଉଥିବ । କାରଣ ତୁମେ ଆମ୍ଭମାନଙ୍କ ଭଳି କେବଳ ନୋବେଲ ପୁରସ୍କାର ବିଜେତା ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କ ଓ ବିଶ୍ୱସୁନ୍ଦରୀ ବୁଦ୍ଧିମତୀ ଯୁବତୀଙ୍କ ସନ୍ତାନ ନୁହଁ । ଏଣୁ ତୁମକୁ ଏସବୁ ବୁଝାଇବା ସହଜ ନୁହେଁ ।

ମି: ଗୁପ୍ତ : ତାହେଲେ······

ଉର୍ : ତୁମ ମୋ ସମ୍ପର୍କ ଦୁଇଜଣ ଚେତନ ବ୍ୟକ୍ତିଙ୍କର ସମ୍ପର୍କ । ବାସ୍ । ସେତିକି । ଆମେ ଦୁହେଁ ଅନ୍ତେବାସୀ । ଏକାଠି ରହୁଛେ । ବାସ୍ ! ଏହାରି କାହାର ଚେତନାକୁ ହେବାଟା ଗୋଟାଏ ବନ୍ଧନ । ଅତି ଅନ୍‌କମ୍ପର୍ଟେବଲ୍ ଲାଗେ ସେଗୁଡ଼ାକ ।

ମି: ଗୁପ୍ତ : ତୁମେ ବୋଧେ ମୁଁ ଏ ବୃଦ୍ଧ ବୟସରେ ତୁମର ସାହାଯ୍ୟ ଉଦ୍ଦେଶ୍ୟରେ ତୁମକୁ ଆଣି ରଖିଥିଲି ବୋଲି ବିବେଚନା କରୁଛ । ତୁମେ ଜାଣିଥିବ ଶିଶୁ ପ୍ରଜନନ କେନ୍ଦ୍ରରେ ତେର ବର୍ଷ ହେବା ପରେ ମୁଁ ତୁମକୁ ଆଣିଥିଲି । କାରଣ ତୁମେ ଜାଣ ତା ପୂର୍ବରୁ କୌଣସି ଶିଶୁକୁ ଆଣିବାର ଅନୁମତି ନାହିଁ । କିନ୍ତୁ ତୁମକୁ ଆଣିଥିଲି ମୁଁ ମୋର ବଞ୍ଚିରହିବାର ଗୋଟିଏ ରାହା ଖୋଜି ପାଇବା ପାଇଁ । ଖାଲି ପଞ୍ଜୁରୀରେ ଶୁଆ ଭରିବା ପାଇଁ । ମୁଁ ଖୋଜୁଥିଲି ଜଣକୁ ଯାହାକୁ ମୁଁ ନିଜର ବୋଲି କହିପାରିବି ।

ଉର୍ : ନିଜର ? ଓଃ, ସେ ଚେଷ୍ଟା ଗୋଟାଏ ବନ୍ଧନ । ଗୋଟାଏ ଶିକୁଳି । ମୁଁ । ମୁଁ । ମୋର । କା'ର ନୁହେଁ । ତୁମର ନୁହେଁ ।

ମି: ଗୁପ୍ତ : ଏ ପରିବାରବିହୀନ ସଂସାରରେ ପରିବାର ଗଢ଼ିବାର ଅପ-ଚେଷ୍ଟା କରୁଥିଲି ତୁମକୁ ନେଇ । ଏ ବିସ୍ମୃତ ବାଲି ସମୁଦ୍ରରେ ମୁଁ ଖୋଜୁଥିଲି ମଧୁର ପାଣିଟୁ । ମୁଁ ମରୀଚିକା ପଛରେ ଧାଇଁଥିଲି ଭଙ୍ଗା ଡଙ୍ଗା ଯୋଡ଼ି ସଂସାର ସାଗର ଅତିକ୍ରମ କରିବି ବୋଲି । ଆଜ ଭ୍ରମର ଚୁମ୍ବି ଦେଇଥିବା ପୁଷ୍ପରୁ ଖୋଜୁଥିଲି ମଧୁ ।

Digitized by srujanika@gmail.com

ଡକ୍ଟ୍ — କ'ଣ ଏ ? ପୁଣି ବାହ୍ୱଲ ! କବିତା ! ଇମୋସନ ! ୯ ବିଂଶ ଶତାବ୍ଦୀର ଖଦାଗୁଡ଼ାକ ଲୋପ ନ ହେବାଯାଏ ଧର୍ମ ମହା-ମାନବର ଧର୍ମ ହୋଇପାରିବ ନାହିଁ । ଅଲ୍ଟକେ କବିତା ? ଏ ମଣିଷଗୁଡ଼ାକର ଅନ୍ତରଗୁଡ଼ାକ କ ଉପାଦାନରେ ଗଢ଼ା ହୋଇଥିଲା କେଜାଣି ! Heartଟା ଯ୍ୱାଙ୍କର ପୂଜନୀୟ ଆରାଧ୍ୟ ଦେବତା । ଅଲ୍ଟକେ ବାହ୍ୱଲ । Heart ! Heart !

ମି: ରାୟ : ଆଉ ତୁମେ ତୁମ ଯନ୍ତ୍ରରେ ତୁମ Heart କୁ ପେଡ଼ି ସାରିଛ, ନା ?

ଡକ୍ଟ୍ — ଆମ Heart ଗୋଟିଏ ରକ୍ତ ସଞ୍ଚାଳନକାରୀ ଯନ୍ତ୍ର । ପମ୍ପ । ବାସ୍ ସେତିକ । ତା'ର ଆଉ କିଛି କାମ ଥିବାର ଆମେ ଉପଲବ୍ଧି କରିପାରୁନୁ ।

ମି: ରାୟ : ତୁମର Heart ନାହିଁ ।

ଡକ୍ଟ୍ — ତୁମର Head ନାହିଁ । Brain ନାହିଁ । ଡାର୍ୱିଇନ୍ ମନୁଷ୍ୟ ଗଣ୍ଡିରୁ ମୁଣ୍ଡ କାଟି ଦେଇଛି । ସେ ମନୁଷ୍ୟଙ୍କୁ ପଶୁର ନାତି ବୋଲି କହୁଛି । ମନୁଷ୍ୟ ତା ଭବିଷ୍ୟତ ଦାୟାଦର ନିୟନ୍ତ୍ରକ ନୁହେଁ ବୋଲି କହି ମନୁଷ୍ୟ ମୁଣ୍ଡର ମସ୍ତିଷ୍କରେ ଅଫିମ ବୋଳି ଦେଇଛି । ତୁମେ ତା'ର ନାତି । ଦାୟାଦ !

ମି: ରାୟ : ଆଉ ତୁମେ ?

ଡକ୍ଟ୍ — ଆମେ ମହାମାନବ । ମହାମାନବର ଦାୟାଦ । ମାନବର ନୁହେଁ ।

ମି: ରାୟ : ଆମ ବାପ, ଅଜା ସାତପୁରୁଷ······

ଡକ୍ଟ୍ — ଓଃ ! ରଖ ତୁମ ବାପ ଅଜା······ ଓଃ ପୁଣି ସେ ଅବୁଝା ଶବ୍ଦଗୁଡ଼ାକ । ବନ୍ଧନ । allergic. allergic. (ସେ ମି: ରାୟଙ୍କୁ ଗୋଟାଏ ଗୁସୁଡ଼ା ମାରି ମି.. ରାୟ ମୁହାଇଁଥିବା ବ୍ୟବସ୍ଥିତ ଦିଗରେ ଧର୍ମ ପାହୁଣ୍ଡ ପ୍ରକାଏ ଚାଲିଯାଏ । ମି: ରାୟ ସେଠାରେ ଦଣ୍ଡାୟମାନ ହୋଇ ଆଖିରୁ ଲୁହ ଗଡ଼ାନ୍ତି । ଭିତରୁ ଦୁଇଟି ଶିଶୁ କଣ୍ଠରେ ଶୁଣାଯାଏ ମାଳାଲୋକ ବା ନିଷ୍ପ୍ରଭ ମଞ୍ଚରେ)

Digitized by srujanika@gmail.com

ପୁରୁଷ : ପୁନା ! ଆଲେ, ଖେଳିବା ।

ସ୍ତ୍ରୀ କି ଖେଳ ? ମୁଁ ଖାଇନି, ମା' ରାଗ ହେବ ।

ପୁରୁଷ : ବୋହୂ ବୋହୂକିଆ । ମୁଁ ବାପା ହେବି । ତୁ ମା' ହେବୁ ।

ସ୍ତ୍ରୀ ଉହୁଁ । ଆଉ କିଏ ପୁଅ ହେବ ? କିଏ ଝିଅ ହେବ ?

ପୁରୁଷ : ଏଇ ନେ ପିଢ଼ା ଆଉ କଣ୍ଢେଇ । ପୁଅ ଆଉ ଝିଅ ।

ସ୍ତ୍ରୀ ଆଉ ମୁଁ ଖାଇ ଆସେ ନ ହେଲେ······

ପୁରୁଷ : ଓଃ ! ଖାଇବା କଥାଟା ! ଆମେ ରାନ୍ଧିବା ପରା !

ସ୍ତ୍ରୀ : କଣ ?

ପୁରୁଷ : ଭାତ, ଡାଲି । ମୁଁ ସବୁ ବାସନକୁସନ ଆଣିଦେଉଛି ।

ସ୍ତ୍ରୀ ହଉ, ପୁଅଟାକୁ ଆଗ ଦିଅ, ତାକୁ ଶୁଆଇ ଦେବା । କେତେ ସମୟ ଧରି ବସିବା । (ପିଲା କାନ୍ଦଣା ଶୁଣାଯାଏ) କାନ୍ଦେନାରେ କୋଳର ଧନା ବାଇଚଢ଼େଇ । ତୋ ମା' ଯାଇଛି ଗାଈ ଚରେଇ । ଉଁ ଉଁ ଉଁ······ଧୋରେ ବାପୁ ଧୋ······

ପୁରୁଷ : ମୁଁ କାଠ କଣ୍ଟ ଆଣି ଆସେ ।

ସ୍ତ୍ରୀ : ଆଗ ଆମ ଘର କରିବା । ବାଲିଘର ।

ପୁରୁଷ : ଆଉ ମୁଁଆ । ସତେଇରେ ! (ଏତିକିବେଳେ 'ପୁନି' ଡାକ ସ୍ତ୍ରୀ କଣ୍ଠରେ ଶୁଣାଯାଏ)

ସ୍ତ୍ରୀ ମୋ ମା' ଡାକିଲାଣି । ମୁଁ ଯାଉଛି । କାଲି ଖେଳିବା । (କ୍ରମେ ଆଲୋକରେ ମଞ୍ଚ ଆଲୋକିତ ହୁଏ । ମି: ରାୟ ଆଖିରୁ ଲୁହପୋଛି ପ୍ରକୃତିସ୍ଥ ହୁଅନ୍ତି । ଶାବେଳୀ ଧରି ଆଗରୁ ପଶିଆସିଲା ବଫ୍ ।)

ବଫ୍ : ହେଲୋ ! ମି: ରାୟ ।

ମି: ରାୟ : ମା······(ଜିଭ କାମୁଡ଼ି ।) sorry ।

ବଫ୍ (ଖତେଇ ହୋଇ) ମା ! ଉହୁଁ । (ମି: ରାୟ ଚାଲିଯାନ୍ତି ସେହି ବାଟରେ ଯେଉଁ ବାଟରୁ ବଫ୍ ଆସିଲା) ଉଟ୍ ! ହେଲୋ ! ଉଟ୍ (ସେ ଆସବାବ ସଂଗ୍ରହ କରିବାରେ ଲାଗନ୍ତି । ଉଟ୍ ପ୍ରବେଶ କଲା ଅପର ପକ୍ଷରୁ ।) ହେଲୋ !!

Digitized by srujanika@gmail.com

ଓଟ୍ : ହେଲେ !

ବଫ୍ : ମଶୁଟା……

ଓଟ୍ : ନଦୀକୁ ଗଡ଼ାଇ ଦେଇଛି ।

ବଫ୍ : Good । (ଯିବାକୁ ପ୍ରସ୍ତୁତ ହୁଅନ୍ତି । ଜିନିଷପତ୍ର ବାନ୍ଧିବା ବେଳେ ସମ୍ବାଦପତ୍ରଟା ଫିଙ୍ଗି ଦିଅନ୍ତି । ତାହା ମଶୁ ରକ୍ତ ଉପରେ ଯାଇ ପଡ଼େ ।

ଓଟ୍ : ଆଜି ମୋର ରେଷ୍ଟ ।

ବଫ୍ ମୋର ବ ! ନଚେତ୍ ।

ଓଟ୍ : ଆସି ନଥାନ୍ତି ବୋଧହୁଏ ।

ବଫ୍ : ନା । (ଯିବାକୁ ଉଦ୍ୟତ । ପ୍ରବେଶ କଲେ ବଶ୍ଜିତ୍ । ହାତରେ ଶବ ମନୁଷ୍ୟଟିଏର ଓ ଲଣ୍ଡସ୍କେଚଟିଏର । ଓଟ୍ ଓ ବଫ୍ ତାଙ୍କ ହାତରୁ ଷ୍ଟାଣ୍ଡ ଓ ଶବ ଛଡ଼ାଇ ଆଣି ଷ୍ଟାଣ୍ଡରେ ଶବ ଓହଳାଇ ସେଥିରେ ଚିତ୍ରିତ ମନୁଷ୍ୟକୁ ମାଙ୍କଡ଼ କରି ଦିଅନ୍ତି ।) Hallo, Oldie ! (ତାଙ୍କ ଦାଢ଼ିକୁ ହଲାଇ ଚୁମା ଦିଅନ୍ତି ।)

ଓଟ୍ : Hallo ! Oldie ! ମଣିଷ ?

ବଫ୍ : ମାଙ୍କଡ଼ ।

ଓଟ୍ ମଣିଷ-ମାଙ୍କଡ଼ ।

ବଫ୍ ଓଲ୍ଡ-ମଣିଷ-ମାଙ୍କଡ଼ର ପୁଅ ।

ଓଟ୍ ନାତି ।

ବଫ୍ ପଣନାତି ।

ଓଟ୍ ଡାର୍ଉଇନ୍ ।

ବଫ୍ : ଡାର୍ଉଇନ୍, ନଅ ମାଙ୍କଡ଼ ନଅ ଭୁମର । ଡାର୍ଉଇନର ଦାସ୍ବାଦ ।

ବଫ୍ : ବାଇ ! ବାଇ !

ଓଟ୍ : ଗୁଡ୍ ଲକ୍, Oldie !

Digitized by srujanika@gmail.com

ବଫ୍ ଓ ଡଞ୍ଚ୍ : (ହସନ୍ତ ।) ମାଙ୍କଡ଼, ମାଙ୍କଡ଼, ବୁଢ଼ାମାଙ୍କଡ଼ (ପ୍ରସ୍ଥାନ) ।

ବୈଜ୍ଞାନିକ ମାଙ୍କଡ଼ ! ମୁଁ ମାଙ୍କଡ଼ କରୁଛି ? ନା, ନା । ମୁଁ ଗଢ଼ିଛି... ମାଙ୍କଡ଼ ଗଢ଼ିଛନ୍ତି ରାଜନୈତିକ ନେତାମାନେ । ମହାମାନବଙ୍କୁ ପଶୁ କରୁଛି ଏ ଜନତା । ଏ ସମାଜ । ଏ ରାଜନୈତିକ ସାମାଜିକ ପରିସ୍ଥିତି । (ସେ ବ୍ରସ ନେଇ ମାଙ୍କଡ଼କୁ ପୁଣି ମଣିଷ ଭଳି ଆଙ୍କିବାର ଚେଷ୍ଟା କରନ୍ତି । ପ୍ରବେଶ କଲେ ମି: ଗୁପ୍ତ । ସେ ଖୁବ୍ ଧୀରେ ଧୀରେ 'କେଶବ ଧୃତ.....' ଶ୍ଲୋକ ଗାନ କରି ମଞ୍ଚସ୍ଥ ହୁଅନ୍ତି । ବୈଜ୍ଞାନିକଙ୍କୁ ନ ଦେଖି ପର୍ବତ ଓ ନଦୀକୁ ଦେଖି ଗଛ ମୂଳରେ ବସି ଶ୍ଲୋକ ବିଶେଷ କରିସାରି ଗୁହାଭିମୁଖୀ ହୁଅନ୍ତି ଓ ମଞ୍ଚରୁ ପ୍ରସ୍ଥାନ କରନ୍ତି । ବୈଜ୍ଞାନିକ ବ୍ରସ ରଖିଦେଇ ଆଖି ବୁଜି ମି: ଗୁପ୍ତଙ୍କ କଣ୍ଠ ସ୍ୱରରେ ନିଜକୁ ହଜାଇ ଦିଅନ୍ତି । ମି: ଗୁପ୍ତଙ୍କ ପ୍ରସ୍ଥାନ ପରେ ଆଖି ଖୋଲି ଦେଖନ୍ତି ଡାରଉଇନ୍ ମାନାଲେକ ପରିସର ଭିତରେ ଦଣ୍ଡାୟମାନ ।)

ଡାର୍ଉଇନ୍ : ମୁଁ ଭଲ କରୁଛି ।

ବୈଜ୍ଞାନିକ : ଭୁଲ ।

ଡାର୍ଉଇନ୍ : ଭଲ ।

ବୈଜ୍ଞାନିକ ଭୁଲଟା କ'ଣ ଭଲ ?

ଡାର୍ଉଇନ୍ : ବେଳେ ବେଳେ ତାହା ସତ୍ୟ ହୁଏ ।

ବୈଜ୍ଞାନିକ ଆଉ ଠିକ୍‌ଟା

ଡାର୍ଉଇନ୍ : ଠିକ୍‌ଟା ମନ୍ଦ ହୁଏ ।

ବୈଜ୍ଞାନିକ କଦାପି ନୁହେଁ ।

ଡାର୍ଉଇନ୍ : ଯେପରି......

ବୈଜ୍ଞାନିକ : ଯେପରି ?

ଡାର୍ଉଇନ୍ : ଯେପରି ତୁମର ବୈଜ୍ଞାନିକ ସଫଳତା ।

ବୈଜ୍ଞାନିକ : ମୁଁ ଠିକ୍ କରୁଛି ।

Digitized by srujanika@gmail.com

ଡାର୍‌ଉଇନ୍ : ତୁମେ ମନ୍ଦ କରିଛ ।

ବଶ୍ଵଜିତ୍ : ଠିକ୍ । ମନ୍ଦ କରିବା ଲୋକ ଅନ୍ୟମାନେ ।

ଡାର୍‌ଉଇନ୍ : ତୁମ ଠିକ୍ କାମ ମନ୍ଦ ଫଳର ମୂଳରେ ।

ବଶ୍ଵଜିତ୍ : ଆଉ ଆପଣ କରିଥିବା······

ଡାର୍‌ଉଇନ୍ : ମୁଁ କରିନାହିଁ ।

ବଶ୍ଵଜିତ୍ ତେବେ କ'ଣ କରିଛନ୍ତି ?

ଡାର୍‌ଉଇନ୍ : କିଛି କରିନାହିଁ । କହିଛି ।

ବ ଜିତ୍ : କିନ୍ତୁ ଭୁଲ କହି······

ଡାର୍‌ଉଇନ୍ : ଜାଣେ । ତା ପ୍ରମାଣିତ । ଆଉ ବି ଜାଣେ ଯେ······

ବଶ୍ଵଜିତ୍ : ଏହା ମନୁଷ୍ୟକୁ ପ୍ରକୃତିର ଦାସ ବୋଲି······

ଡାର୍‌ଉଇନ୍ : ଯେ ପର୍ଯ୍ୟନ୍ତ ମନୁଷ୍ୟ ନିଜକୁ ପ୍ରକୃତିର ଦାସ ବୋଲି ମାନି ଥିଲା ସେ ଠିକ୍ ଥିଲା ।

ବଶ୍ଵଜିତ୍ ବୋକା ଥିଲା ।

ଡାର୍‌ଉଇନ୍ : ସୁଖରେ ଥିଲା ।

ବଶ୍ଵଜିତ୍ ଜଙ୍ଗଲର ପଶୁ ପରି ।

ଡାର୍‌ଉଇନ୍ : ପ୍ରକୃତିର ଏକ ଅଙ୍ଗ ଭଳି । ଖୁଲିଥିଲା ତା ସନ୍ଧ ହାତ ମେଲେଇ । ଖେଳୁଥିଲା କୋଳରେ । ସମ୍ପର୍କ ଥିଲା ମା' ଓ ପୁଅର ।

ବଶ୍ଵଜିତ୍ ଆଉ ମୁଁ······

ଡାର୍‌ଉଇନ୍ : ତୁମେ ମା'କୁ ଗାଦିଚ୍ୟୁତ କରିଛ ।

ବଶ୍ଵଜିତ୍ : ମନୁଷ୍ୟ ନିଜର ମା' ଓ ବାପ । ସେ ତାର ଷଠିବୁଢ଼ୀ ।

ଡାର୍‌ଉଇନ୍ : ସେ ତାର ହନ୍ତା ମଧ୍ୟ ।

ବଶ୍ଵଜିତ୍ : ସେ ତାର ଭାଗ୍ୟ ନିୟନ୍ତ୍ରକ ।

ଡାର୍‌ଉଇନ୍ : ସେ ତା' ସୁଖ ଓ ଶାନ୍ତିର ହରଣକାରୀ ।

ବଶ୍ଵଜିତ୍ : ସେ ନିଜ ଗୋଡ଼ରେ ଠିଆ ହେବାକୁ ଶିଖିଛି ।

Digitized by srujanika@gmail.com

ଡାର୍‌ୱଇନ୍ : ନିଜ ଘର ଭାଙ୍ଗିବା ଶିଖିଛୁ । ସଂସାରକୁ ଛାରଖାର କରିବା ଶିଖିଛୁ । ମା'ର ସ୍ନେହ ହରାଇ ହୋଇଛୁ ଅନାଥ । ସହସ୍ର ବାପ ପରିବର୍ତ୍ତେ ପାଇଛୁ ଗୋଟିଏ ବାପ ।

ବିଶ୍ୱଜିତ୍ କିଏ ? କିପରି ?

ଡାର୍‌ୱଇନ୍ : ସେ ବାପ ହେଉଛ ତୁମେ । ବୈଜ୍ଞାନିକ ବିଶ୍ୱଜିତ୍ ଆଜି ହୃଦୟହୀନ, ଗୃହହୀନ, ପିତୃମାତୃହୀନ ମାନବର ବାପା । ଯୁଦ୍ଧ ବିଭୀଷିକାର ବାପା । ଅନାଥର ବାପା ।

ବିଶ୍ୱଜିତ୍ କିପରି ?

ଡାର୍‌ୱଇନ୍ : ଆଜି ସଭିଏଁ ବୈଜ୍ଞାନିକର ସନ୍ତାନ । କୃଷକର ନୁହେଁ । କଳାକାରର ନୁହେଁ । କବିର ନୁହେଁ । ଦାର୍ଶନିକର ନୁହେଁ ।

ବିଶ୍ୱଜିତ୍ କ୍ଷତି ?

ଡାର୍‌ୱଇନ୍ : କ୍ଷତିଟା ଉପଲବ୍ଧି କରିଛ ବୋଲି ତ ବୈଜ୍ଞାନିକ ବିଶ୍ୱଜିତ୍‌କୁ ହଜାଇ ଖୋଜୁଛ କଳାକାର ବିଶ୍ୱଜିତ୍‌କୁ ।

ବିଶ୍ୱଜିତ୍ ଆପଣ ବାରମ୍ବାର……

ଡାର୍‌ୱଇନ୍ : ବାରମ୍ବାର ସତ କହିବାରେ କ୍ଷତି କ'ଣ ?

ବିଶ୍ୱଜିତ୍ : ସତ କ'ଣ ?

ଡାର୍‌ୱଇନ୍ : ସତ୍ୟ ଏହା ଯେ ତୁମେ ଗଢ଼ିଛ ହୃଦୟହୀନ ପଶୁ । କମ୍ପ୍ୟୁଟର । ଯୁଦ୍ଧଯନ୍ତ୍ର ।

ବିଶ୍ୱଜିତ୍ : ମୁଁ ଯୁଦ୍ଧଯନ୍ତ୍ର—

ଡାର୍‌ୱଇନ୍ : ତାର ବାପ ।

ବିଶ୍ୱଜିତ୍ : ନା ଅସମ୍ଭବ । ସେଥିପାଇଁ ସମସ୍ତେ ଦାୟୀ…… ସମସ୍ତେ ।

ଡାର୍‌ୱଇନ୍ : ନା । ତମେ । ଦେଖ ମାଙ୍କଡ଼ ହୃଦୟହୀନ ପଶୁ । (ସେ ହାତ ଠାରି ଚିତ୍ରକୁ ଦର୍ଶାଇ ପ୍ରସ୍ଥାନ କରନ୍ତି ମଞ୍ଚରୁ । ବିଶ୍ୱଜିତ୍ ବିବ୍ରତ । ବିଚଳିତ । ମାଙ୍କଡ଼କୁ ଦେଖି ଚିନ୍ତା-ମଗ୍ନ । ଆଗକୁ ଆଗେଇ ଦେଖନ୍ତି ସମ୍ବାଦପତ୍ର । ତା'କୁ ଗୋଟାଇ ମନେ ମନେ ପଢ଼ନ୍ତି ।)

Digitized by srujanika@gmail.com

"ପୂର୍ବ ପଶ୍ଚିମ ଯୁଦ୍ଧରେ ପୂର୍ବପକ୍ଷ ଅଭୂତ ସଫଳତା ସହ ଯୁଦ୍ଧ ଲଢ଼ୁଛି । ଜାଣିଥି ଶିଶୁ ପ୍ରଜନନ କେନ୍ଦ୍ରର ଯୋଦ୍ଧାମାନଙ୍କ ପରାକ୍ରମରୁ ଏ ସଫଳତା ସମ୍ଭବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏଣୁ ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ବିଶ୍ୱଜିତ୍‌ଙ୍କୁ ଏ ଯୁଦ୍ଧର ପିତା ବୋଲି ବିବେଚନା କରାଯାଉଛି । ଦ୍ୱିତୀୟ ମହା-ସମର ଜର୍ମାନୀର ତୈଳବଳରୁ ଉତ୍ପତ୍ତି । ଏ ମହାସମର ପୂର୍ବ ପକ୍ଷର ବୈଜ୍ଞାନିକ ଯୋଦ୍ଧା କେନ୍ଦ୍ରୀୟ ପ୍ରଜନନ ଶିଶୁ ସଂସ୍କାର ସୃଷ୍ଟି ।"

(ଏହି ଅଂଶଟି ଭିତରୁ ମାଇକ୍ ଯୋଗେ ପଢି ହିଆଯାଏ । ସମ୍ବାଦ ପଢ଼ି ସାରି ପକାଇବାକୁ ଯାʼନ୍ତେ ପଦ ତଳେ ଥିବା ରକ୍ତ ଉପରେ ତାଙ୍କର ଆଖିପଡ଼େ ଓ ତାଙ୍କ ହାତ ରକ୍ତମୟ ହୋଇଥିବାର ସେ ଲକ୍ଷ୍ୟ କରନ୍ତି । ସେ ବିଚଳିତ ଦେଖାଯାନ୍ତି । ସ୍ଥାନ ପରିବର୍ତ୍ତନ ଉଦ୍ଦେଶ୍ୟରେ ପୁଣି ଷ୍ଟାଣ୍ଡ ଆଦି ଧରି ଚାଲିଯାନ୍ତି ଏବଂ ମଞ୍ଚ ଭିତରେ ଏଭଳି ଜାଗାରେ ଦଣ୍ଡାୟମାନ ହୁଅନ୍ତି ଯେଉଁଠାରୁ ତାଙ୍କର ଛାଇ ମଞ୍ଚ ଉପରେ ପଡ଼ୁଥାଏ । ପ୍ରବେଶ କଲେ ମି: ସିଂହ ଓ ମି: ଗୁପ୍ତ । ମି: ସିଂହ ଅନୁତବେଶି ବିପୁଷ୍ଟ, କିନ୍ତୁ ସୁସ୍ଥ ।)

ମି: ସିଂହ : ହଁ ଗୁପ୍ତ ବାବୁ । ମୁଁ ଛକରେ......

ମି: ଗୁପ୍ତ : ଓଃ । ଭୁଲ ହୋଇଗଲା । ଆପଣଙ୍କୁ ଅପେକ୍ଷା କରିବାକୁ ପଡ଼ୁଥିବ । ମୁଁ ଟିକିଏ ଶୀଘ୍ର ଚାଲି ଆସିଲି ।

ମି: ସିଂହ : କ'ଣ ?

ମି: ଗୁପ୍ତ : ହଁ । କିଛି ଔଷଧ ମୂଳ ସଂଗ୍ରହରେ । ଅଭ୍ୟାସଟା ସହଜରେ ଯାଉନି ।

ମି: ସିଂହ : ତା କିଛି ମନ୍ଦ ଅଭ୍ୟାସ ନୁହେଁ । ଚେରମୂଳ ତ ବେଶି ନିର୍ଭରଯୋଗ୍ୟ ।

Digitized by srujanika@gmail.com

ମି: ରାୟ — ଶରୀରଟା ଅସୁସ୍ଥ ରହୁଥିବାରୁ ପାଖରେ କିଛି ପ୍ରସ୍ତୁତ କରି ରଖିବାର ବ୍ୟବସ୍ଥା କରୁଛି ।

ମି: ସିଂହ : ଅବଶ୍ୟ ଭଲ । କାରଣ ଆଜି ତ ସେକାଳ ସମୟ ନାହିଁ ଯେ ପୁଅ, ସ୍ତ୍ରୀ ନାତି ନାତୁଣୀମାନେ ସବୁ କଥା……

ମି: ରାୟ — ବୁଝିବା ଲୋକେ ଥାଉ । ସେମାନଙ୍କର ଉପସ୍ଥିତି ବୃଦ୍ଧ ଜୀବନର ପ୍ରାଣ । ସମୟ କଟାଇବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଲାଣି ।

ମି: ସିଂହ : ପରିବର୍ତ୍ତିତ ସମୟ ସହ ନିଜକୁ ଖାପ ଖୁଆଇବା ଅତ୍ୟନ୍ତ କଷ୍ଟକର । ବିଶେଷ କରି ଏ ବୟସରେ ।

ମି: ରାୟ — ସେଇଥିପାଇଁ ତ ସମୟ ନ ହେଉଣୁ ମଧ୍ୟ ଏଠାରେ ଆସି ପହଞ୍ଚିବାକୁ ମନ ହୁଏ ।

ମି: ସିଂହ : Soul chooses its own society.

ମି: ରାୟ — ଠିକ୍ କହୁଛନ୍ତି । ଜାଗାଟା ଯେପରି ରମଣୀୟ ସେଥିରେ କିଛି କହିବାର ନାହିଁ । କିନ୍ତୁ ଏ ଜାଗାର ଆକର୍ଷଣ ହେଉ-ଛନ୍ତି ଆପଣ । ଆଜି ମୋର ଅତୀତର ସ୍ମୃତି ।

ମି: ସିଂହ : ଯାହାକୁ Association ବୋଲି କହୁଛନ୍ତି । ମାନେ ଏ ଜାଗାଟାକୁ ମୁଁ ଆପଣଙ୍କ ବିନା ଚିନ୍ତା ବି କରି ପାରିବି ନାହିଁ ।

ମି: ରାୟ — ବାସ୍ । ସେଭଳି ଏଠାକୁ ଆସୁ ନଆସୁଣୁ ଏ ନଦୀରେ ପିଲାବେଳର ପହଁରା କୁଦାମରା ସବୁ ଗୋଟି ଗୋଟି ଛବିପରି ଭଳି ମନେ ପଡ଼ିଯାଏ । ଏବେବି ଏଠି ଅମାନିଆ ହୋଇ ଗାଧୋଇ ଯିବାବେଳେ ମା'ଙ୍କ ରାଗ ଚାଗିବା ଓ ତାପରେ ପୁଣି ସେ ରାଗ ଭୁଲିବାକୁ ତା' ଅଳିଅଳି ପୁଅ ମୁହଁରେ ବାରମ୍ବାର ଚୁମ୍ବନ । ସବୁ ଏସବୁ ମନେ ପଡ଼ି ପେଟଭିତର କ'ଣ ହେଇଯାଉଛି ।

ମି: ସିଂହ : ସମୟ ବଦଳିଛି । ସେ ଚନ୍ଦ୍ରବଦନ ଶିଶୁ ଆଜି ନିସ୍ସଠିଆ ଅନୁଭବ କରୁଛି । ଆଜି ସେ ଶିଶୁ ହୋଇଛି ବୃଦ୍ଧ ଏବଂ ତା ସାଙ୍ଗେ ସାଙ୍ଗେ ଉଭେଇ ଯାଇଛି ତା' ସମୟର ମୂଲ୍ୟବୋଧ ।

Digitized by srujanika@gmail.com

ମି: ରାୟ : ନିଛାଟିଆ ଲାଗୁଛି । କେମିତି କେମିତି ଲାଗୁଛି । ଏବେ ବିରାଟ ସଂସାର ମଧ୍ୟରେ ଥାଇ ମଧ୍ୟ ଅଗଣିତ ନରନାରୀଙ୍କ ଗହଣରେ ଥାଇ ମଧ୍ୟ ଆକାଶଟା ଛିଡ଼ିପଡ଼ି ମାଡ଼ି ବସିଲା ଭଳି ଅନୁଭୂତ ହୁଏ । ଲଇଁ ପଡ଼ିଥିବା ଅଣ୍ଟାଟା ଲଟକି ପଡ଼େ ଏ ଚିନ୍ତାରେ ।

ମି: ସିଂହ : ଆପଣଙ୍କର ବୁଢ଼ୀ......

ମି: ରାୟ : ଓଃ । ବର୍ଷକ ତଳୁ ସିଏ ସ୍ୱର୍ଗ ପାଇ ଯାଇଛି । ସୌଭାଗ୍ୟ ତା'ର । ଏମ.ତେ ସେ କେନ୍ଦ୍ରୀୟ ଶିଶୁ ପ୍ରଜନନ କେନ୍ଦ୍ରରୁ ଡିଟ୍କୁ ଆଣି ତା'ର ଦାଉ ସହିବାକୁ ପଡ଼ୁଛି । ଏଇ ଅଳ୍ପ ସମୟ ତଳେ ମୋତେ ତା' ଶକ୍ତି ଅନୁଯାୟୀ ଅପବ୍ୟବହାର କରିଗଲା । ତାକୁ କୁଆଡ଼େ fathered-boy ବୋଲି ତା'ର ସାଥୀମାନେ ଟାହିଟାପରା କରୁଛନ୍ତି ।

ମି: ସିଂହ : କିଛି ଅସମ୍ଭବ ନୁହେଁ । ସମୟ ଚକ୍ର ବଦଳି ସାରିଛି । ଆଉ ବିଶେଷ ଦିନ ନୁହେଁ । ଏ ଯୁଦ୍ଧରେ ସବୁ କଥାର ସମାଧାନ ହୋଇଯିବ ।

ମି: ରାୟ : ବୋଧହୁଏ ପୁଣି ନୂଆ ମଣିଷ ସୃଷ୍ଟି ହେବ ଏ ବିଶ୍ୱକର୍ତ୍ତା ମେସିନ୍ ମଣିଷ ପାଉଁଶରୁ । (କାଶନ୍ତି ।)

ମି: ସିଂହ : ଓଃ । ଆପଣଙ୍କୁ ମୁଁ ଏଠାକୁ ବାଟରୁ ଲେଉଟାଇ ଆଣିଲି । ଆପଣଙ୍କ ଅସୁସ୍ଥତା...... ...

ମି: ରାୟ : ଏଟା ନିତିଦିନିଆ ହୋଇ ସାରିଲାଣି ।

ମି: ସିଂହ : ଆଜି ମୋ ପୁଅ ଅମରର ଜନ୍ମଦିନ । ଏଣୁ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଏବଂ ମୋ ସାଥିରେ ଆମ ଘରକୁ ଏଠାରୁ ସିଧା ନେଇ ଯିବା ମୋର ଉଦ୍ଦେଶ୍ୟ । ନହେଲେ ମୁଁ ଆପଣଙ୍କୁ ଫେରାଇ ଆଣି ନ ଥାନ୍ତି ।

ମି: ରାୟ : ଆଚ୍ଛା । ଲଙ୍କାରେ ହରି ଶବ୍ଦ ! କାନଟା ବିଶ୍ୱାସ କରିପାରୁନି ଗୋଟାଏ ଜନ୍ମଦିନ ପାଳନ ହେବା କଥାଟା ଶୁଣିଛି ବୋଲି ।

Digitized by srujanika@gmail.com

ମି: ସିଂହ : ଆପଣତ ଜାଣନ୍ତି ଆମ ଜେନେରେସନ୍‌ଟା ଥିବା ଯାଏ ଅଣ୍ଟାତର ଗୁଡ଼ି ପଡ଼ି ରହିବ । ସେ ପ୍ରଥା ଅମରର ଜନ୍ମପର-ଠାରୁ ଶିଶୁ ଉତ୍ପାଦନ ଜାତୀୟକରଣ ହେଲ । ସତରେ ଅମର ମୋତେ ଅମର କରିବ ।

ମି: ରାୟ : ଆପଣ ଭାଗ୍ୟବାନ୍ । ଗୋଟାଏ ପରିବାର କ'ଣ ? ପାରି-ବାରିକ ପ୍ରଥା କ'ଣ ? ସେଗୁଡ଼ାକ······

ମି: ସିଂହ : ଛାଡ଼ନ୍ତୁ, ସେଗୁଡ଼ାକ······ଅମର···

ମି: ରାୟ : ଅମର କିଏ··· (ଅମର ପ୍ରବେଶ କରନ୍ତି । ପୂର୍ବ ସିନ୍-ମାନଙ୍କର ସେଉ୍—ସେଉ୍ ତାଙ୍କର ଛଦ୍ମନାମ । ଏକବିଂଶ ଶତାବ୍ଦୀର ବେଶ ପରିପାଟିରେ । ଭିନ୍ନ ବେଶରେ । ସେ ଉଭୟଙ୍କୁ ପ୍ରଣାମ ଜଣାନ୍ତି ।)

ମି: ସିଂହ : ଅମର (ଭେଟାଇ ଦେଇ)

ମି: ରାୟ : ଦୀର୍ଘଜୀବି ହୁଅ ବାପ । ତୁମର କଥା ପଡ଼ିଥିଲ । ବାପାଙ୍କ ସହ । ମଙ୍ଗଳ ହେଉ ବାପ । (ଜିଭ କାମୁଡ଼ି ପକାଇ)

ଅମର ଆପଣ ଜିଭ କାମୁଡ଼ି ପକାଇଲେ ଯେ ? ଏଭଳି ବଚନତ···?

ମି: ରାୟ : ନା । ସେ କିଛି ନୁହେଁ ।

ଅମର ଆପଣ କଥାଟାକୁ ଘୋଡ଼ାଇବାକୁ······

ମି: ରାୟ ନା । ତୁମକୁ ବାଧା ଦେଲି ଭଳି । ଆଜକାଲି······

ଅମର ନା । ବାଧା ହେବନି । ଆଜିକାଲି ପିଲାଙ୍କଠାରୁ······

ମି: ରାୟ ହଁ । ମୁଁ ବୁଝୁଛି ବାପ । ତୁମେ ଏ ତଥାକଥିତ ମହାମାନବଙ୍କ ଗୀତମାନ ଠାରୁ କିଛି ଦୂରରେ ଥିବାଟା ସ୍ୱାଭାବିକ ।

ମି: ସିଂହ : ସେଇଟା ଆମପାଇଁ କିଛିଟା ଆନନ୍ଦପ୍ରଦ ହୋଇପାରେ । ମୁଁ ଜାଣେନି ଯେ ଅମରକୁ ସେ ଯୁବକ ଯୁବତୀଙ୍କ ଭିତରେ ଚଳିବାରେ କିଛି ଅସୁବିଧା ଭୋଗିବାକୁ ହେଉଥିବ୍ ।

ମି: ରାୟ ଅମର ! ତୁମକୁ କିଛି ଅସୁବିଧା ହେଉଛି ବୋଧହୁଏ । ସେମାନଙ୍କ ସହ ଚଳିବାରେ ?

Digitized by srujanika@gmail.com

ଅମର	ନା । ବିଶେଷ···
ମି: ରାୟ	କିନ୍ତୁ କିଛି କିଛି ?
ଅମର	ହଁ ହେଉଛି ।
ମି: ସିଂହ :	ସ୍ୱାଭାବିକ୍ ।
ଅମର	ବାପା ! ଯଦି ତୁମକୁ କିଛି ବାଧା ଦେଇଥିଲି ହୁଏ ମୁଁ କ୍ଷମା ମାଗି ଦେଇ······
ମି: ସିଂହ :	ମୁଁ ସବୁ ଜାଣିପାରୁଛି ବାପ ! ଦୁନିଆଁର ସବୁ କେନ୍ଦ୍ରୀୟ ସଂସ୍ଥାରୁ ବଢ଼ିଥିବା ଶିଶୁଙ୍କ ଭିତରେ ତୁମକୁ, ଜଣେ ବାପ ଥିବା ପୁଅକୁ, ଅନେକ ଅସୁବିଧା ଭୋଗିବାକୁ ପଡ଼ୁଥିବ ନିଶ୍ଚୟ । ସେଥିପାଇଁ ଯେତେଦୂର ସମ୍ଭବ ମୁଁ ପାରିବାରିକ ବନ୍ଧନରୁ, ପ୍ରଥାରୁ, ଚଳଣିରୁ, ମା' ବାପାଙ୍କ ବିଶେଷ ପ୍ରଭାବରୁ ଦୂରେଇ ରଖିବାର ଯଥାସାଧ୍ୟ ଚେଷ୍ଟା କରିଛି । ସେସବୁ ସମ୍ପର୍କରେ ମୁଁ ସମ୍ପୂର୍ଣ୍ଣ ସଚେତ ।
ମି: ରାୟ :	କିନ୍ତୁ ତା ସତ୍ତ୍ୱେବି କିଛିଟା, ତା'ଛୁଁଏ ଛାପ ରହି ଯାଉଥିବ ବୋଧହୁଏ ।
ଅମର :	ମୋତେ **fathered child** ବୋଲି······
ମି: ରାୟ	ଠିକ୍ ସେଇକଥା । ଉନ୍ଟ୍ ମୋ ନିକଟରେ ମାତ୍ର ରହୁଥିବାରୁ ତାକୁ ମଧ୍ୟ ବାବୁଆ-ପୁଅ ବୋଲି ସମାଜ କୁଆଡ଼େ ଘୃଣା କରୁଛି ।
ଅମର	ବାପାଙ୍କୁ ବାଧା ହେବ ବୋଲି ମୁଁ ତାହା ଏଯାଏ ତାଙ୍କ ଆଗରେ ପ୍ରକାଶ କରି ନଥିଲି ।
ମି: ସିଂହ :	ମୁଁ ସବୁ ବୁଝିଛି । ଜାଣିଛି । କିନ୍ତୁ ନିରୁପାୟ ।
ଅମର :	ବାପା !
ମି: ସିଂହ :	ନା । କିଛି ନାହିଁ । ମୋତେ ବୁଝାଇବାର କିଛି ନାହିଁ । ମୁଁ ବରଂ ଗର୍ବୀ, କିନ୍ତୁ ତୋ ଅସୁବିଧା ପାଇଁ ଦୁଃଖିତ । ଖାଲି ସେତିକି ନୁହେଁ, ୯ ଘରର ଚାଲିଚଳଣି ସବୁର ଛାପ ତୁମର ସବୁର କାର୍ଯ୍ୟରେ ରହୁଛି ।

Digitized by srujanika@gmail.com

ମି: ଗୁପ୍ତ : ଯେପରିକି, ଏଇ ଜନ୍ମଦିନ ପାଳନଟା, ଜଣେ ବୟସ୍କ ଲୋକଙ୍କୁ ସମ୍ମାନ ଦେଖାଇବା······

ଅମର ମୁଁ ଯେତେଦୂର ସମ୍ଭବ ତାଙ୍କ ସହ ମିଶି ଚଳିବାକୁ ଚେଷ୍ଟା କରୁଛି, କିନ୍ତୁ ମୋର ବାପ ମା' ଥିବା କଥାଟାକୁ ମୁଁ ତ ଅନ୍ୟଥା କରି ନପାରେ । ବା ସେଥିରେ ମୋର କର୍ତ୍ତୃତ୍ୱ ନାହିଁ । ମୁଁ ଅବଶ୍ୟ ସେଥିପାଇଁ ଲଜ୍ଜିତ ନୁହେଁ । ବରଂ···

ମି: ଗୁପ୍ତ : ସମୟର ଗତି ସମ୍ପୂର୍ଣ୍ଣ ବିପରୀତମୁଖୀ ହୋଇ ସାରିଛି । ଆଜି ଯାହା ଘଟୁଛି ଠିକ୍ ତାର ବିପରୀତ ପରିସ୍ଥିତି ଥିଲା ।

ଅମର ମାନେ ଯାହାର ବାପ ନଥିଲା······

ମି: ଗୁପ୍ତ : ଠିକ୍ । ଠିକ୍ ଠଉରାଇଛ । ଖାଲି ସେଇଥିରେ ନୁହେଁ । ସମ୍ପୂର୍ଣ୍ଣ ସାମାଜିକ ରୀତିରେ, ପ୍ରଥାରେ, କୁଳ, ଧର୍ମ, ସମ୍ପର୍କ, ବନ୍ଧନ ଇତ୍ୟାଦିରେ ।

ଅମର ବଡ଼ କୌତୁହଳ ଲାଗୁଛି । ମାନେ······

ମି: ସିଂହ : ଗୋଟିଏ ଘଟଣା······

ମି: ଗୁପ୍ତ : ଓଃ । ମୁଁ ବି କହି ଆସୁଥିଲି । ଧରମାର ଜୀବନଟି ଅମରକୁ ଆଜି ପରିସ୍ଥିତିର ସମ୍ପୂର୍ଣ୍ଣ ବିପରୀତ ଚିତ୍ରଟିଏ ଦେଇପାରିବ । ସେ ସମୟର ଜୀବନ୍ତ ଚିତ୍ରଟିଏ······

ଅମର ଆପଣ ଠିକ୍ ଏ······

ମି: ଗୁପ୍ତ : ଶୁଣ··· (ମଞ୍ଚ ଅନ୍ଧକାର । ସମସ୍ତେ ଚାଲିଯାନ୍ତି । ଲୋହିତାଲୋକ । ଗୋଟିଏ ଛପାରେ ବାଡ଼ିଧରି ବସିଥାନ୍ତି ଅବଧାନେ । ତାଙ୍କ ଆଗରେ ୪।୫ ଜଣ ଶିଶୁ ପିଲିଟ ଖଡ଼ି ଧରି ବସିଥାନ୍ତି । —ସେହି ଡଚ୍, ସେପ୍, ବଫ୍ ଇତ୍ୟାଦି ଗାମୁଛା ପଗଡ଼ି ମାରି ଓ ପିନ୍ଧି ଶିଶୁ ଓ ଶିକ୍ଷକ ଚରିତ୍ର କରିପାରନ୍ତି—)

ଅବଧାନେ : ଓଡ଼ାଙ୍କ ମନେ ଅଛି ?

ଛାତ୍ର ଆଜ୍ଞା ।

ଅବଧାନେ : କ'ଣ ଆଜ୍ଞା ?

Digitized by srujanika@gmail.com

ଚ୍ଛାତ୍ର ଓଡ଼ାଙ୍କ (୨।୩ ଜଣ)

ଚ୍ଛାତ୍ର ଓଡ଼ାଙ୍କ (ଅନ୍ୟ ଚ୍ଛାତ୍ରମାନେ)

ଅବଧାନେ : ହଁ । ଅଶୀ ଘୃର ?

ଚ୍ଛାତ୍ର : ଚୌରଅଶୀ (ସମସ୍ତେ)

ଅବଧାନେ : ଚୌରଅଶୀ ଘୃର ?

ଚ୍ଛାତ୍ରମାନେ : ଅଠାଅଶୀ ।

ଅବଧାନେ : ନଅରେ ଶୂନ ନଉ ମନେ ଅଛୁ ?

ଚ୍ଛାତ୍ରମାନେ : ଆଜ୍ଞା ।

ଅବଧାନେ : ଅଠାଅଶୀ ଘୃର ?

ଚ୍ଛାତ୍ରମାନେ : ବୟାନବେ ।

ଅବଧାନେ : ହଁ । ଆଜ୍ଞା । ଫେଡ଼ାଙ୍କ ମନେ ଅଛୁ ?

ଚ୍ଛାତ୍ରମାନେ : ଆଜ୍ଞା ।

ଅବଧାନେ : କ'ଣ ?

ଚ୍ଛାତ୍ରମାନେ : ଫେଡ଼ାଙ୍କ ।

ଅବଧାନେ : ହଁ । ଫେଡ଼ାଙ୍କ । ବୟାନବେରୁ ଘୃର ଗଲେ ?

ଚ୍ଛାତ୍ରମାନେ : ଅଠାଅଶୀ ।

ଅବଧାନେ : ଅଠାଅଶୀରୁ ଘୃର ଗଲେ ?

ଚ୍ଛାତ୍ରମାନେ : ଚୌରଅଶୀ ।

ଅବଧାନେ : ଚୌରଅଶୀରୁ ଘୃର ଗଲେ ?

ଚ୍ଛାତ୍ରମାନେ : ଅଶୀ । (ଅବଧାନେ ମୁହଁରେ ହାତ ଦେଇ ସୂର୍ଯ୍ୟଙ୍କୁ ନମସ୍କାର କରନ୍ତି ।)

ଅବଧାନେ : ଆଜପାଇଁ ଛୁଟି । କାଲି ଠିକ୍ ସମୟରେ ଗୃହାଳୀରେ ପହଞ୍ଚିବ । ଯେ, ଯେତେଜଣଙ୍କ ପରେ ଆସିବ ସେ ସେତେ ବେତ ଖାଇବ । ଯାଅ । ଅବଧାନଙ୍କ ପ୍ରସ୍ଥାନ । (ସଭିଏଁ ଅବଧାନଙ୍କୁ ପ୍ରଣାମ ଜଣାଇ ବିଦାୟ ନେବାର ଚେଷ୍ଟା କଲ-

Digitized by srujanika@gmail.com

ବେଳେ ଧର୍ମପଦର ଖଡ଼ି ଗଡ଼ି ଦୁଇ ଛାତ୍ର ଛାଡ଼ି ପଡ଼ିଲା ।)

ଧର୍ମପଦ : ହାଲୁଆ ମୋ ଖଡ଼ିଟାକୁ ବଢାଇ ଦେଲୁ ।

ହାଲୁଆ : ଆରେ ! ଖଡ଼ି ଗଡ଼ାଇ ଦେଇ ଘର ତ ଅଁଦେଶ ଦେଖୁଛୁ ।

୨ୟ ଛାତ୍ର : ଓଃ । ଅଣବାପୁଆ ପିଲର ହୁକୁମ ଘୋର । ହବେ । ବାପ ନାଆଁ କହିପାରିବୁ ନା ?

୩ୟ ଛାତ୍ର : ତୋ ଜାତି କ'ଣ ରେ ? ତୋ ବାପକୁ ଦେଖିଛୁ ?

ହାଲୁଆ ଅଣବାପୁଆ ପିଲର ବଦମାସ ବେଶୀ । ଚାଲ୍‌ରେ ଚାଲ୍ । ତା ଖଡ଼ି କଥା ସିଏ ବୁଝୁ ।

(ସମସ୍ତେ ଧର୍ମପଦକୁ ଛାଡ଼ି ଚାଲିଯା'ନ୍ତି । ସେ ଖଡ଼ି ଗୋଟାଇ ଆଖିରୁ ଲୁହ ପୋଛୁ ଘରକୁ ଯାଏ । ମଞ୍ଚ ଅନ୍ଧକାର । ପୁଣି ଲେହିତାଲୋକ । ଧରମାର ଘର । ତା ମା' ବୃନ୍ଦାବତୀଙ୍କ ପୂଜାରେ ବ୍ୟସ୍ତ । ଧରମାର ପ୍ରବେଶ ।).

ମାଆ ବାପ ଧରମା ! ଆଜ କ'ଣ ଏତେ ଉଚ୍ଛୁର ବାପ ?

ଧରମା : (ନୀରବ)

ମା' ମୋ ଧନରେ, କହୁନୁ ? (ପୂଜାରେ ବ୍ୟସ୍ତ ରହି ।)

ଧରମା : (କଇଁ କଇଁ ହୋଇ କାନ୍ଦି ଉଠିଲା)

ମା' (ଉଠି ଆସି) ମୋ ବାପ ! ମୋ ଧନ ! କ'ଣ ହେଇଛି ବାପ ?

ଧରମା : (କହିବାକୁ ଅସମର୍ଥ ।)

ମା' କିଏ ମାରିଲା, ବାପ ? ଅବଧାନେ ?

ଧରମା : ନା ।

ମା' ଆଉ କିଏରେ ସିଏ ମୋ ଧନକୁ ହାତପୋଛୁ କରି······

ଧରମା : ମା' ଆଜ ତତେ ଜବାବ ଦେବାକୁ ହେବ ।

ମା' ଜବାବ ?

ଧରମା : ହଁ ଜବାବ । ମୋ ବାପ କିଏ ?

Digitized by srujanika@gmail.com

ମା' ଆଜିଯାଏ ଏ ପ୍ରଶ୍ନଟ ତୁ ପୁଚ୍ଛା କରିନଥିଲୁ ବାପ ! ଆଜି……

ଧରମା : ତତେ ଆଜି କହିବାକୁ ହେବ । ମୁଁ ନହେଲେ ଖାଇବିନି । ମତେ ଅଣବାବୁଆ ପିଲା ବୋଲି ମୋର ଗଢ଼ିଯାଇଥିବା ଖଡ଼ିକୁ ବଢ଼େଇ ଦେଲେନି । ମୋର କୁଆଡ଼େ ବାପ ମା' ଠିକଣା ନାହିଁ ।

ମା' କଏ ରେ ସଖିମା'ର ପୁଅ ତତେ ଅଣବାବୁଆ ବୋଲି ଟାପରା କରୁଛି ?

ଧରମା : ମା' ! ମୋ ପ୍ରଶ୍ନର ଜବାବ ଦେ । ମୁଁ ତାକୁ କାଲି ଠେକ୍‌ଠୋକ ଉତ୍ତର ଦେବି ।

ମା' (ଦର୍ଶକଙ୍କୁ ଚାହିଁ । ଇତିହାସରେ ହଜିଯାଇ) ଉତ୍କଳର ଅକ୍ଷୟ କୀର୍ତ୍ତି ଯେଉଁ ଜାତିର ଗଲା ହଜାର ହଜାର ବର୍ଷର ପରିଶ୍ରମର ପରିଣତି, ତୁ ସେଇ ବିଶ୍ୱକର୍ମାକୁଳର ଗର୍ବିତ ସନ୍ତାନ । ମୁଁ କାଳ କାଳ ହେଲା ଯାହା ଶୁଣିଛି ତାହା କହୁଛି ବାପ । ବିଭିନ୍ନ ସମୟରେ ଇନ୍ଦ୍ରଦ୍ୟୁମ୍ନ, ଯଯାତି ଓ ଅନଙ୍ଗଭୀମ-ଦେବଙ୍କ ଶ୍ରୀକ୍ଷେତ୍ର ନିର୍ମାଣ ଓ କୀର୍ତ୍ତି ତୋ ପିତାମହଙ୍କର ଅବଦାନ । ତତେ ମୁଁ କମିତି ବୁଝେଇବିରେ ବାପ ତୁ ଏତେ ମହାନ୍ ଜାତିର ଦାୟାଦ ବୋଲି ? ତୋ ଜେଜେ-ବାପ ରାଜକାର୍ଯ୍ୟରୁ ଏଘରକୁ ଫେରିଲେନିରେ ବାପ ! ତୋ ବାପ ସେଇଭଳି ଲାଙ୍ଗୁଳା ନରସିଂହଦେବ ଗଢ଼ୁଥିବା ସୂର୍ଯ୍ୟ ମନ୍ଦିର ଚନ୍ଦ୍ରଭାଗା ତୀର୍ଥଟାରେ ଗଢ଼ିବାକୁ ବାରଶହ ବଢ଼େଇ ସଙ୍ଗତେ ଆଜିକୁ ଷୋଳବର୍ଷ ହେଲା ଘରୁ ବାହାରି ଯାଇ-ଛନ୍ତି । ସେ ଗଲାବେଳକୁ ତୁ ମାତ୍ର ଚାରିମାସର ପେଟର ଶିଶୁ ।)

ଧରମା : ମୋ ବାପା କେଉଁଠି ଅଛନ୍ତି ମା' ? ତାଙ୍କ ନାମ କ'ଣ ?

ମା' ସୂର୍ଯ୍ୟମନ୍ଦିରର ଶିଳ୍ପୀ । (ସେ ତାଙ୍କ ନାମ ଧରମା ସିଲଟରେ ଲେଖି ଦିଅନ୍ତି ।)

ଧରମା : (ଧରମା ଗୋଟି ଗୋଟି ଅକ୍ଷର ପଢ଼େ) ବି ଶୁ ମ ହା ରଣା । ମୁଁ ବାପାଙ୍କୁ ଦେଖିବି ମା' । ତାଙ୍କୁ ଭେଟିବି ।

Digitized by srujanika@gmail.com

ମା' : ତୁ କାହୁଁ ପାରବୁ ବାପ, ସେ କାହିଁ ଦୂର ।

ଧରମା : ମୁଁ ନଶ୍ଚୟ ଯିବ । ତାଙ୍କୁ ଚନ୍ଦ୍ରା ଦେବ ।

ମା' : ତୋତେ ଛାଡ଼ ମୁଁ କପର ବଞ୍ଚବ ବାପ ! ତୋ ବାପ ଗଲାଦନୁ ତୁ ମୋ ଜୀବନ-ଦଉଡ଼ ।

ଧରମା : ମା' ମୁଁ ଯିବ । ମୁଁ ମନ୍ଦର ଦେଖିବ ।

ମା' : ମା' ବୃନ୍ଦାବତୀଙ୍କ ଆଶୀର୍ବାଦ ଭିକ୍ଷା କର ବାଡ଼ ବରକୋଳ ଆଉ କୁକୁର ନେଇ ଯିବୁ । ସେ ବାଡ଼ ବରକୋଳ ଆଉ କୁକୁରଙ୍କୁ ଚହ୍ନି ତୋ ପରଚୟ ପାଇବେ । କେତେ ଖୁସି ହେବେ ସେ ସତେ ତୋ ଚନ୍ଦ୍ରବଦନ ଦେଖି ।

(ଅନ୍ଧକାର । କୁକୁର ଭୁକବାର ଶବ୍ଦ । ଲୋହତାଲୋକ । ରଜା ଦଣ୍ଡାୟମାନ । ହାଶୀ ଉପସ୍ଥିତ ।)

ରଜା : ରକ୍ଷୀ ! ମହାମନ୍ତ୍ରୀଙ୍କୁ ଆଣ ହୋ ଡକାଇ । (ରକ୍ଷୀ 'ଯେ ଆଜ୍ଞା' କହି ପ୍ରସ୍ଥାନ । ରଜା ବଚଳତ ରାଗ-ଜର୍ଜ୍ଜରତ । ମହାମନ୍ତ୍ରୀ ଓ ହାଶୀଙ୍କ ପ୍ରବେଶ ।)

ରାଜା : ମନ୍ତ୍ରୀ !

ମନ୍ତ୍ରୀ : ପ୍ରଣାମ ମହାରାଜ !

ରାଜା : କ ଖବର ଜଣାଅ ତୁରତ ! ହେଲକ ମୋ ଜୀବନର ଦୀର୍ଘ ଆଶା, ଅଭିଳାଷ, ସଫଳ ସମ୍ପୂର୍ଣ୍ଣ ? କାଲକ କରବେ ରାଣୀ ରବ ପୂଜା ମନ୍ଦର ପ୍ରାଙ୍ଗଣେ ?

ମନ୍ତ୍ରୀ : ମହାରାଜ······

ରାଜା : ଶୀଘ୍ର ଫେଡ଼ ସଂଶୟ ମୋହର । ମନ୍ଦରକ ହୋଇଲା ସମ୍ପୂର୍ଣ୍ଣ ?

ମନ୍ତ୍ରୀ : ମହାରାଜ ! ବାରଶହ ବଢ଼େଇ ମନ୍ଦରଚୂଡ଼ା ପୂର୍ଣ୍ଣ କରବାର ଉପାୟ······

ରାଜା : ଯେ ରାଜ୍ୟର ରାଜା ଗଜପତି ଲାଙ୍ଗୁଳା ନରସିଂହଦେବ, ଯେ ଦେଶର ମନ୍ତ୍ରୀ ବଶେଇ ସାମନ୍ତରାୟ, ଯେ ଦେଶର ଶିଳ୍ପୀ ଗଢ଼ିଛନ୍ତି ମନ୍ଦର ଅଗଣିତ, ଅତୁଳନୀୟ, ସେ ଦେଶର ବାରଶ' ବଢ଼େଇ ନପାରନ୍ତି ମନ୍ଦରର ଚୂଡ଼ା ମାର୍ !. ଅସମ୍ଭବ ! ମନ୍ତ୍ରୀ !

Digitized by srujanika@gmail.com

ମନ୍ତ୍ରୀ   ଗଜପତି ?

ରାଜା :   ଆଉ ବିଳମ୍ବରେ ନାହିଁ ପ୍ରୟୋଜନ । ପରିବେଷଣ କର ହେ ସମ୍ବାଦ । ମୁଁ ଆଜିଠାରୁ ଦ୍ୱିଶତ ସୂର୍ଯ୍ୟୋଦୟର ପ୍ରଥମ ରଶ୍ମି ମନ୍ଦିର ଚୂଡ଼ାରେ କରିବି ଦର୍ଶନ । ଏ ଆଦେଶ ଯଦି ନହୁଏ ପାଳନ ବାରଶତ ବଢ଼େଇଙ୍କ ହେବ ମୁଣ୍ଡ କାଟ । ଶିଳ୍ପୀକୁଳ ହୋଇବ ବିଲୋପ । କି ପ୍ରୟୋଜନ ସେ କୁଳରେ ଯେ ଅପାରଗ ନିଜ ଗଢ଼ା ମନ୍ଦିରର ଚୂଡ଼ା ମାରିବାରେ । ଯାଅ । ଅବିଳମ୍ବେ କର ଏ ଘୋଷଣା ।

(ଅନ୍ଧକାର । ଲୋହିତାଲୋକ । ବିଶୁ ଧରମା ମୁହଁରେ ଓ ଧରମା ବିଶୁ ମୁହଁରେ ବିରକୋଳ ଦେଉଛନ୍ତି ।)

ଧରମା :   ବାପା !

ବିଶୁ   ବାପା ! ମୋ ନୟନପିତୁଳା ! ମୋ ଭାଗ୍ୟରେ ଥିଲା ଏ ପ୍ରାଣବାୟୁ ଛାଡ଼ିବା ପୂର୍ବରୁ ତୋତେ ଦେଖିବାକୁ ବାପ ।

ଧରମା :   ଏ ଅମୃତ ମୁହୂର୍ତ୍ତରେ ଆପଣ ବିଷର୍ଣ୍ଣ ଦେଖାଯାଉଛନ୍ତି କାହିଁକି ?

ବିଶୁ   ମନ୍ଦିରର ଚୂଡ଼ା ମାରିବାକୁ ବାରଶ ବଢ଼େଇ ଅପାରଗ । ଏଣୁ ରାଜ ନପାରୁଣୁ ମନ୍ଦିର ପୂର୍ଣ୍ଣ ହୋଇ ନପାରିଲେ ହେବ ସମଗ୍ର ବଢ଼େଇକୁଳର ମୁଣ୍ଡ କାଟ ।

ଧରମା :   ମୁଁ ଦେଖିଯିବି ବାପା । ମୁଁ ପାରିବି ।

ବିଶୁ   ଯାହା ବାରଶ' ବଢ଼େଇ ନପାରିଛୁ ତୁ ବା'ର ବର୍ଷର ବାଳକ···।

ଧରମା :   ମୁଁ ତୁମ ସାଙ୍ଗରେ ଯିବି । ମୁଁ ପାରିବି ।

(ସେମାନେ ଭିତରକୁ ଯା'ନ୍ତି । ଗୋଟାଏ ପ୍ରତିଧ୍ୱନି ଶୁଣାଯାଏ । —"ନା ନା, ସେକଥା ହୋଇ ନପାରେ । ନା ନା"— ବାପା ଓ ପୁଅ ଫେରନ୍ତି । ଧରମା ମନ୍ଦିରର ଚୂଡ଼ା ମାରିବାରେ ସମର୍ଥ ହୋଇଛୁ । ପିତା ଗର୍ବିତ ଓ ଶଙ୍କିତ ।)

ଧରମା :   ବାପା, ମୁଁ ଶିଳ୍ପୀର କର୍ତ୍ତବ୍ୟ କରିଛି । ମୁଁ ମୋ କୁଳ ବେଉସାର ପ୍ରତିଷ୍ଠା ରଖିଛି । କିନ୍ତୁ ଏଥିପାଇଁ ଯଦି ମୋର ବଂଶ ଲୋପ ହେବ ଏବଂ ଯଦି ମୁଁ ପାଠଶାଳାରେ ସମ୍ମାନିତ ହେବ ତାର କି ଅର୍ଥ ? ସେ ଶିକ୍ଷା ଓ କାର୍ଯ୍ୟର କି ମୂଲ୍ୟ ଯେ ଅଧିକାଂଶଙ୍କର

Digitized by srujanika@gmail.com

ଅଧିକ ଉପକାରରେ ନ ଆସିପାରିଲ ? ମୁଁ ସ୍ୱଗ୍ଯୁର କରି ସାରିଛି ମୋର ପର ପଦକ୍ଷେପ । ତୁମକୁ ବାରଣ ବଡ଼େଇରେ ଦାୟୀ ହେବାକୁ ପଡ଼ିବ । ପୁଅରେ ନୁହେଁ । ମୋ ଶିଳ୍ପୀ ଜୀବନ ସାର୍ଥ ହେବ ଯଦି ମୁଁ ବଡ଼େଇ କୁଳ ରକ୍ଷାରେ ସମର୍ଥ ହେବି ।

ମୋତେ ଆନନ୍ଦରେ ମେଲାଣି ଦିଅ ବାପା । ମୋ ଗର୍ବରେ ଗର୍ବିତ ହୁଅ । ଯେ ଚୂଡ଼ାମାରିବାରେ ମୁଁ ମୋର ଦକ୍ଷତା ପ୍ରତିପାଦିତ କରିଛି ସେ ଚୂଡ଼ାରୁ ମୁଁ ଏ ମହାଦଧିରେ କରିବି ଶେଷ ସ୍ନାନ । ଯିବ ଶେଷ ନିଦ୍ରା । ବାରଣ ବଡ଼େଇଙ୍କ ଜୀବନ ରକ୍ଷା କରିବାର ଏହିମାତ୍ର ଉପାୟ ।

ମେଲାଣି ଦିଅ ବାପା ! ହସି ହସି ମେଲାଣି ଦିଅ । ଆଉ କୁହ ବାରଣ ବଡ଼େଇରେ ଦାୟୀ ।

ବିଶୁ (ଅଶ୍ରୁ ଗଦଗଦ୍) ବାରଣ ବଡ଼େଇରେ ଦାୟୀ ।

ଧରମା ବିଦାୟ, ବିଦାୟ । ଦେଉଛି ମେଲାଣି । ପ୍ରଭୁପଦେ ପଶିବ ଶରଣ । ବିଦାୟ ।

(ଅନ୍ଧକାର । ଧରମାର ପ୍ରସ୍ଥାନ, ପରେ ବିଶୁ ପ୍ରସ୍ଥାନ । ମଞ୍ଚ ଆଲୋକିତ ହେଲାବେଳକୁ ମି: ସିଂହ, ମି: ରୟ ଓ ଅମର ପୂର୍ବାବସ୍ଥାରେ ବାକ୍‌ରତ ।)

ଅମର ଆପଣ ନିଜକୁ ହଜାଇ ଦେଲାଭଳି ମନେ ହେଉଛନ୍ତି ଅତୀତ ଦାଣ୍ଡରେ ।

ମି: ସିଂହ : ସେ ସମୟର ଆମେ ମଣିଷ । ସେ ଧର୍ମର । ସେ ନୀତିର ଓ ସେ ପ୍ରଥା ଚଳାଚଳନର ।

ମି: ରୟ : (ଉଠିପଡ଼ି ବିଚଳିତ ହୋଇ) ଅମର !

ଅମର ଆପଣ ଏତେ ବିଚଳିତ ଜଣାଯାଉଛନ୍ତି ଯେ ?

ମି: ସିଂହ : ଯିବା ଅମର । ଏ ଘଟଣାର ବର୍ଣ୍ଣନାଟା ମି: ରୟଙ୍କୁ ପୁଣି ଦୋହଲାଇ ପକାଇଛି ।

ଅମର ସତେ ବାପା ! ଏଭଳି ଗୋଟାଏ ହୃଦୟସ୍ପର୍ଶୀ ଘଟଣାର ବର୍ଣ୍ଣନା ତୁମେ ମୋ ଆଗରେ କେବେ······

ମି: ସିଂହ : ସେ ଘଟଣା ଓ ତୁମ ସମୟର କୌଣସି ସଂଯୋଗ ହୋଇ-ନପାରେ ଏବଂ ମୁଁ ତୁମକୁ ଅଯଥା ହୃଦୟ ଆଲୋଡ଼ନ

Digitized by srujanika@gmail.com

କଲ ଭଳି ଘଟଣାଟାଏ ବର୍ଣ୍ଣନା କର ତୁମକୁ ତୁମ ସମସ୍ତ, ତୁମ ପରିସ୍ଥିତିଠାରୁ ଦୂରେଇ ଦେବାକୁ ଆଦୌ ଚାହେଁନା । ମୁଁ ସେଥିପାଇଁ ସର୍ବଦା ସଚେତ ।

ଅମର କିନ୍ତୁ ବାପା ! ଏ ଗପଟି.........

ମି: ଗୁପ୍ତ : ନାନା ଗପ ନୁହେଁ, ଘଟଣା । ଘଟଣା ।

ଅମର : ମାନେ...?

ମି: ଗୁପ୍ତ : ମାନେ ସତ୍ୟ । ଯେପରି ମୁଁ ତୁମ ଆଗରେ ଛିଡ଼ା ହୋଇଛି । କିନ୍ତୁ ତୁମ ହୃଦୟକୁ ଏହା ସ୍ପର୍ଶ କରୁଛି......।

ମି: ସିଂହ : ବାପ ଅମର । ଏ ଘଟଣା ବର୍ଣ୍ଣନା କର ଦେଖ, ତୁମ ସାଥିମାନେ କିଭଳି ଟାହିଟାପରି କରି ହସରେ ଏହାକୁ ଉଡ଼ାଇଦେବେ । ମି: ଗୁପ୍ତ ! ଆସନ୍ତୁ ଯିବା, ସନ୍ଧ୍ୟା ନିକଟେଇ ଆସୁଛି । (ମି: ଗୁପ୍ତ ଖାସି ଉଠନ୍ତି । ମି: ସିଂହ ଓ ଅମର ଉଭୟେ ତାଙ୍କୁ ସାହାଯ୍ୟ କରନ୍ତି । ସେମାନେ ଯା'ନ୍ତି । ବିଶ୍ୱଜିତ୍ ତାଙ୍କ ଉପରେ ନଜର ରଖି ମଞ୍ଚକୁ ଆସନ୍ତି । ସେମାନେ ପରସ୍ପରକୁ ଚାହିଁ ନିଜ ନିଜ ବାଟରେ ଆଗାନ୍ତି । ବିଶ୍ୱଜିତ୍ ଫଟୋ ଓହଳାଇ ଖୋଲିଷ୍ଟାଣ୍ଡ ଧରି ଆସନ୍ତି । ବ୍ରସ୍ ଧରି ଚକିତ ରୁହନ୍ତି । ପୁଣି ଖଣ୍ଡାକୁ ଚାହିଁ ରୁହନ୍ତି । ପୁଣି ଅସ୍ତମିତ ସୂର୍ଯ୍ୟକୁ । ପୁଣି ଦେଖନ୍ତି ତାଙ୍କ ହାତରେ ବ୍ରସ୍ ।)

ବିଶ୍ୱଜିତ୍ ଏଁ ! ବ୍ରସ୍ ! ନା । ମୁଁ ବୈଜ୍ଞାନିକ ବିଶ୍ୱଜିତ୍‌କୁ ଖୋଜିବା ଦରକାର । କିନ୍ତୁ ବ୍ରସ୍ ! ମୋର କଳାକାର ହେବା ଦରକାର ନାହିଁ । ନା, ନା । (ବ୍ରସ୍ ଫିଙ୍ଗି ଦିଅନ୍ତି) ନା ଏଥିରେ ମୋର ପ୍ରୟୋଜନ ନାହିଁ । ଏ ବ୍ୟାଗ୍ (ବ୍ୟାଗ୍ ଫିଙ୍ଗି ଦିଅନ୍ତି) ଏ ଷ୍ଟାଣ୍ଡ ! (ଷ୍ଟାଣ୍ଡ ଓ ଚିତ୍ର-ପର୍ଦ୍ଦା ଫିଙ୍ଗି ଦିଅନ୍ତି)

ବାସ୍ । ନିଶ୍ଚିନ୍ତ । ଅନ୍ଧକାର ବିଶ୍ୱଜିତ୍‌ର ସକଳ ସମାପ୍ତି । କିନ୍ତୁ ବୈଜ୍ଞାନିକ ବିଶ୍ୱଜିତ୍ କାହିଁ ? (ଖଣ୍ଡାକୁ ଦେଖି) ଏ ଖଣ୍ଡାକୁ ମୋତେ ମଣିଷ କାନ୍ଧରୁ ଓହ୍ଲାଇବାକୁ ହେବ । ମୁଁ ଗଢ଼ିଥିବା ସୌଧରୁ ଗୋଟି ଗୋଟି ଇଟା କାଢ଼ି ଗଢ଼ିବାକୁ ହେବ କୁଡ଼ିଆ । କୁଡ଼ିଆ ଅଗଣାର । ଘର, ପରିବାର, ମା', ବାପ, ପୁଅ, ଝିଅ, ସ୍ତ୍ରୀ । ହଁ.......

Digitized by srujanika@gmail.com

କିନ୍ତୁ ତା କ'ଣ ସମ୍ଭବ ? ପାରିବ ? କିପରି ? (ପଶ୍ଚିମ ଦିଗକୁ ଦେଖନ୍ତି ପ୍ରଶ୍ନବାଚୀ ଚିହ୍ନଟିଏ ପରଦାରେ କ୍ରମେ କ୍ରମେ ଉଜ୍ଜଳ ହୋଇ-ଉଠେ ।) ଏ ! କ'ଣ ? ଏ ପ୍ରଶ୍ନବାଚୀ ? ଏ ସନ୍ଦେହ ! କେଉଁଠି ? ପ୍ରଶ୍ନବାଚୀ ? ଘନଭୂତ ସନ୍ଦେହମାନ !

କେଉଁଠି ଆଗ ? ମୋତେ ଖଡ୍‌ଗକୁ ଅବତରଣ କରାଇବାକୁ ହେବ । କିନ୍ତୁ କିଏ ଆଗ ? କିଏ ପଛ ? ପଛ । ଆଗ । ଆଗ । ପଛ । ଆଗ ଖଡ୍‌ଗ । ଆଗ ପ୍ରଶ୍ନବାଚୀ ।

ପରିବାର ଦରକାର ନା ସମ୍ପର୍କବନ୍ଧନ ପଶୁ ? ମହାମାନବ ନା କମ୍ପ୍ୟୁଟର ଲଢ଼ୁଆ ଯନ୍ତ୍ର ? ସ୍ୱର୍ଗ ନା ନର୍କ । କ'ଣ ?

କିଏ ଆଗ ? କିଏ ପଛ ?

ପଛ ଆଗ । ଆଗ ପଛ ।

ଏସବୁ ସନ୍ଦେହ । (ପ୍ରଶ୍ନବାଚୀ ଚିହ୍ନ ନିକଟରେ ଅନେକ ଛୋଟ ଛୋଟ ପ୍ରଶ୍ନବାଚୀମାନ ପଶ୍ଚିମ ଦିଗନ୍ତରେ ଦେଖାଯାଏ ।) ପ୍ରଶ୍ନ । କୌତୁହଳ । ମୁଁ ପାରିବ । ଯାହା ଘଟିଛି ତା' ଫେରାଇବା କ'ଣ ସମ୍ଭବ ?

ଓଃ ! ଏ ପ୍ରଶ୍ନବାଚୀ ?

ନା, ମୋତେ ଠିକ୍...........

କିଏ ଆଗ ? କିଏ ପଛ ? ପଛ, ଆଗ ।

ପ୍ରଶ୍ନବାଚୀ । ଖଡ୍‌ଗ ।

ନା, ନା, ନା, ନା । ପ୍ରଶ୍ନବାଚୀ । ପ୍ରଶ୍ନବାଚୀ । ପ୍ରଶ୍ନବାଚୀ ।

ସନ୍ଦେହ । କୌତୁହଳ । ପ୍ରଶ୍ନବାଚୀ, ହଁ ।

ପ୍ରଶ୍ନବାଚୀ ଆଗ । ପ୍ରଶବାଚୀ ଆଗ ।

ଆଗ । ଆଗ । ସନ୍ଦେହ ଆଗ ।

ତାର ମୂଳୋତ୍ପାଟନ ଆଗ ।

(ସେ ପ୍ରଶବାଚୀ ଉତ୍ପାଟନ କରିବାକୁ ଆଗେଇ ଯାଇ ପଶିଯାନ୍ତି ଗଭୀର ପାଣିରେ । ସୂର୍ଯ୍ୟ ଅସ୍ତ ଯା'ନ୍ତି । ପରଦା କ୍ରମେ କ୍ରମେ ବନ୍ଦକରେ ମଞ୍ଚମୁଖ ।

Voice—What is done cannot be undone
What is done cannot be undone.

॥ ସମାପ୍ତ ॥

Digitized by srujanika@gmail.com